ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.277 Bhubaneswar Tuesday December 19 2023 | ୨୬ତମ ବର୍ଷ ସଂଖ୍ୟା-୨୭୭ ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୯, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ଦୁଇ ଜଣଙ୍କୁ ଟାଙ୍ଗିଆରେ ହାଣିଲେ, ଘୋଷାରି ଘୋଷାରି ନେଇ ନାଳରେ ଫିଙ୍ଗିଦେଲେ



ଭୁବନେଶ୍ୱର,୧୮।୧୨(ପି.ଏନ): ରାତି ଅଧରେ ଦୁଇ ଜଣଙ୍କୁ ଗୋଡାଇ ଗୋଡାଇ ଟାଙ୍ଗିଆରେ ହାଣିଲେ। ମୃତଦେହକୁ ଘୋଷାରି ଘୋଷାରି ନେଇ ନାଳରେ ଫିଙ୍ଗି ଦେଲେ। ଏପରି ବୀଭତ୍ସ ହତ୍ୟାକାଣ୍ଡ ସୁନ୍ଦରଗଡ ଜିଲ୍ଲା କେ.ବଲାଙ୍ଗ ଥାନା ଅଞ୍ଚଳରେ ଘଟିଛି। ହତ୍ୟାକାଣ୍ଡର ଦୁଇଦିନ ପରେ ଅର୍ଥାତ ଆଜି ଥାନାରେ ଆତ୍ମସମର୍ପଣ କରିଛନ୍ତି ଅଭିଯୁକ୍ତ। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।ଗତ ଶନିବାର କେ.ବଲାଙ୍ଗ ଥାନା ଆମରୁଡି ଗାଁରେ କୁକୁଡା ଲଢ଼େଇ ହେଉଥିଲା। ଠିକ୍ ସେହି ସମୟରେ ଆମରୁଡି ଗାଁ ଜୁରା ମୁଣ୍ଡାଙ୍କ ସହିତ କିଛି ଲୋକଙ୍କର ପାଟିତୁଣ୍ଡ ହୋଇଥିଲା। ବୁଝାସୁଝା ପରେ ପ୍ରାୟତଃ ଘଟଣା ସମାଧାନ ହୋଇଥିଲା। ତା'ପରେ ସମସ୍ତେ ଘରକୁ ଫେରି ଆସିଥିଲେ। ସମସ୍ତେ ଭାବିଥିଲେ କୁକୁଡା ଲଢ଼େଇରେ ହୋଇଥିବା ଗଣ୍ଡଗୋଳ ବୋଧହୁଏ ସମାଧାନ ହୋଇଯାଇଛି।

# ଅଚଳ ସଂସଦ; ଶୀତ ଅଧିବେଶନରେ ଉଭୟ ଗୃହରୁ ୯୨ ସାଂସଦ ନିଲମ୍ବିତ



ଭୁବନେଶ୍ୱର,୧୮।୧୨(ପିଏନ):ଲୋକସଭା ପରେ ରାଜ୍ୟସଭାରୁ ନିଲମ୍ବିତ ହେଲେ ୪୫ ସାଂସଦ। ଲଗାତାର ଭାବେ କଂଗ୍ରେସ ସାଂସଦମାନେ ଗୃହରେ ହଟ୍ଟଗୋଳ କରିବାରୁ ଆଜି ତିନି ଥର ଗୃହ ମୁଲତବୀ ରହିଥିଲା। ଶେଷରେ ୪୫ ଜଣ ସାଂସଦଙ୍କୁ ନିଲମ୍ବନ କରିଛନ୍ତି ରାଜ୍ୟସଭା ଅଧକ୍ଷ ଜଗଦୀଶ ଧଡଖଡ। କିଛି ସମୟ ପୂର୍ବରୁ ଲୋକସଭାରୁ ୩୪ ଜଣ ସାଂସଦ ନିଲମ୍ବିତ ହୋଇଥିଲେ। ଆଜି ଉଭୟ ଗୃହରୁ ମୋଟ ୭୯ ଜଣ ସାଂସଦଙ୍କୁ ନିଲମ୍ବନ କରାଯାଇଛି। ରିପୋର୍ଟ ଅନୁସାରେ, ଚଳିତ ବର୍ଷ ଶୀତ ଅଧିବେଶନରେ ଉଭୟ ଗୃହରୁ ୯୨ ଜଣ ସାଂସଦ ନିଲମ୍ବିତ ହୋଇଛନ୍ତି।

## ମୁଖ୍ୟମନ୍ତ୍ରୀ ଋଣ ଛାଡ ଯୋଜନାରେ ବ୍ୟାପକ ନିଯୁକ୍ତି ସୁଯୋଗ, ଏହି ପୋର୍ଟାଲ ମାଧ୍ୟମରେ କରିପାରିବେ ଆବେଦନ



ଭୁବନେଶ୍ୱର,୧୮।୧୨(ପି.ଏନ): ରାଜ୍ୟର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ସହିତ ଗ୍ରାମାଞ୍ଚଳର ଅର୍ଥନୀତିକୁ ମଜଭୁତ କରିବା ଲାଗି 'ମୁଖ୍ୟମନ୍ତ୍ରୀ ସୁଧ ଫେରସ୍ତ ଯୋଜନା' ଆରମ୍ଭ ହୋଇଛି । କୋଭିଡ୍ ମହାମାରୀ ପାଇଁ ରାଜ୍ୟର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର କ୍ଷତିର ସମ୍ମୁଖୀନ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ଉଦ୍ୟୋଗୀମାନଙ୍କର କ୍ଷତିଭରଣା ପାଇଁ ସରକାର ସୁଧ ଫେରସ୍ତ ବ୍ୟବସ୍ଥା କରିଛନ୍ତି । ଚଳିତ ମାସ ୧୫ ତାରିଖରୁ ସୁଧ ଫେରସ୍ତ ପାଇବା ପାଇଁ ଆବେଦନ ଗ୍ରହଣ ଆରମ୍ଭ ହୋଇଛି ।cm-srim.odisha.gov.in ପୋର୍ଟାଲରେ ଆବେଦନପତ୍ର ଗ୍ରହଣ ଆରମ୍ଭ ହୋଇଛି । ୨୦୨୦ ମସିହା ଏପ୍ରିଲ ୧ ତାରିଖ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଥିବା ଏମ୍.ଏସ୍.ଏମ୍.ଇ ୟୁନିଟ୍ ସୁଧ ଫେରସ୍ତ ପାଇଁ ଆବେଦନ କରିପାରିବେ ।ଯେକୌଣସି ବ୍ୟାଙ୍କରୁ ଋଣ ନେଇଥିଲେ ମଧ୍ୟ ଏମ୍.ଏସ୍.ଏମ୍.ଇ ୟୁନିଟ୍ ଗୁଡିକ ଏହି ସୁବିଧା ପାଇପାରିବେ । ଏହି ନୂତନ ଯୋଜନା ପାଇଁ ରାଜ୍ୟ ସରକାର ବାର୍ଷିକ ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବେ ବୋଲି ଜଣାପଡିଛି ।

# ବିଜୁଳି ଭିତିଭୂମି ବିକାଶ ନାଁରେ ୧୫ ହଜାର କୋଟିର ବ୍ୟୟବରାଦ ଆଉ ଏକ ମହାଠକେଇ : କଂଗ୍ରେସ



ଭୁବନେଶ୍ୱର,୧୮।୧୨(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ସରକାରଙ୍କ ବିରୁଦ୍ଧରେ ଆଉ ଏକ ମହା ଠକେଇର ଅଭିଯୋଗ ଆଣିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ବିଜୁଳି ବିଭାଗର ଭିତିଭୂମି ବିକାଶ ନିମନ୍ତେ ସରକାର ୧୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ ମୁର କରିଛନ୍ତି । ରାଜ୍ୟ ସରକାର ରାଜ୍ୟର ବିଦ୍ୟୁତ ଭିତିଭୂମିର ବିକାଶ ପାଇଁ ପୂର୍ବରୁ ମୁର ହୋଇଥିବା ୨୦ ହଜାର କୋଟି ଟଙ୍କାର ମୁର କରିଥିଲେ କିନ୍ତୁ କଂଗ୍ରେସର ବାରମ୍ବାର ଦାବି ସତ୍ତ୍ୱେ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚର ହିସାବ ଏ ସରକାର ଏପର୍ଯ୍ୟ ଦେଲେ ନାହିଁ। ୨୦ ହଜାର କୋଟି ଟଙ୍କାର ହିସାବ ଦେଇ ପାରୁନଥିବା ସରକାର ପୁର୍ନବାର ୧୫ ହଜାର କୋଟି ଟଙ୍କା ଆଉଥରେ ବିଦ୍ୟୁତ ଭିତିଭୂମି ବିକାଶ ପାଇଁ ବ୍ୟୟବରାଦ କରିବା କେତେଦୁର ଗ୍ରହଣୀୟ । ଏଥିରେ କେତେ କୋଟି ଟଙ୍କାର ଦୁର୍ନୀତି ହୋଇଛି ଏବଂ କେଉଁମାନେ ଏଥିରେ ଅଁ ଭୁକ୍ତ ଏକଥା ଜଳ ଜଳ ହୋଇ ଦେଖାଯାଉଛି। ହିସାବ ଦେବାପାଇଁ ସରକାର ଅକ୍ଷମ ଏବଂ ଯେତେବେଳେ ବିଜୁଳି ଉପଭୋକ୍ତା ଭିତିଭୂମି ଅଭାବଜନିତ କାରଣରୁ ବର୍ଦ୍ଧିତ ବିଜୁଳି ଦେୟର ଶୀକାର ହେଉଛି ସେତେବେଳେ ପୁନର୍ବାର ୧୫ ହଜାର କୋଟି ଟଙ୍କା ବ୍ୟୟବରାଦ କେବଳ ଆତ୍ମସାତ ପାଇଁ ଉଦ୍ଦିଷ୍ଟ । ସୁତରାଂ ସରକାର ଯେ ଦୁର୍ନୀତିରେ ଉବୁଟୁବୁ କହିବା ନିଷ୍ପ୍ରୟୋଜନ । ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ଭିତିଭୂମି ବିକାଶ କ୍ଷେତ୍ରରେ ପୂର୍ବରୁ ମଂଜୁର ହୋଇଥିବା ୨୦ ହଜାର କୋଟି ଟଙ୍କାର ହିସାବ ଦିଅନ୍ତୁ ନତୁବା କଂଗ୍ରେସ ଆନ୍ଦୋଳନକୁ ଯିବ। ଏହି ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଶ୍ରୀ ବିଜୟ କୁମାର ପଟ୍ଟନାୟକ ପ୍ରତିକ୍ରୀୟା ରଖି କହିଲେ ଯେ, ରାଜ୍ୟ ସରକାରଙ୍କର ବିଜୁଳି ଉପଭୋକ୍ତାଙ୍କ ସମସ୍ୟାକୁ ସମାଧାନ ପାଇଁ ନିଘା ନାହିଁ। ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ତଥ୍ୟ ଦେଇ ସେ କହିଥିଲେ ଯେ ୨୦୧୭-୧୮ ରୁ ୨୦୨୦-୨୧ ମଧ୍ୟରେ ବିଦ୍ୟୁତ ସରବରାହ ଓ ରକ୍ଷଣାବେକ୍ଷଣ ଜନିତ କ୍ଷତି ଓଡ଼ିଶାରେ ୨୨ ପ୍ରତିଶତ ରହିଛି। ଯେଉଁଠି ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ ୨୮ ପ୍ରତିଶତ ଓ ରାଜସ୍ଥାନରେ ୧୩ ପ୍ରତିଶତ ଫଳତଃ ବିଜୁଳି ଦେୟ ବଢୁଛି ଓ ଖାଉଟିଙ୍କ ଦୁର୍ଦ୍ଦଶା ବଢୁଛି। ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଥିଲେ ଯେ ଓଡ଼ିଶାର ଅଲ୍ଟ୍ରା ମେଗା ପାୱାର ପ୍ରୋଜେକ୍ଟ (Ultra Mega Power Project) ପ୍ରତିଷ୍ଠା ବୋ ସିଦ୍ଧାନ୍ତ ହୋଇଛି। ଯେଉଁଥିରୁ ୩୨୦୦ ମେଗାୱାଟ ଶକ୍ତି ଉତ୍ପାଦନ ହେବ। କେନ୍ଦ୍ର ନିର୍ଦ୍ଧାରିତ ନିୟମ ଅନୁସାରେ ଏହାର ୫୦ ଭାଗ ଅର୍ଥାତ ୧୬୦୦ ମେଗାୱାଟ ବିଜୁଳି ଓଡ଼ିଶାକୁ ମିଳିବା କଥା କିନ୍ତୁ ଦୁର୍ଭାଗ୍ୟର କଥା ରାଜ୍ୟ ସରକାର ୧୬୦୦ ମେଗାୱାଟ ପରିବର୍ତ୍ତେ ୮୦୦ ମେଗାୱାଟ ବିଜୁଳି ଏହି ବୃହତ ପ୍ରକଳ୍ପରୁ ନେବାପାଇଁ ଏକ ୨୫ବର୍ଷିଆ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି । ଯଦି ଉତ୍ପାଦିତ ବିଜୁଳି କ୍ଷମତାର ୫୦ ଭାଗ ଅର୍ଥାତ ୧୬୦୦ ମେଗାୱାଟ ବିଜୁଳି ନେବାପାଇଁ ରାଜ୍ୟ ରାଜି ହୋଇଥାନ୍ତା ତାହାହେଲେ ବିଜୁଳିଦର ୟୁନିଟ ପିଛା ୧ ଟଙ୍କା ପଡ଼ିଥାନ୍ତା । କିନ୍ତୁ ସରକାର ଏହା ନକରି ତାମିଲନାଡୁର ନଇଭାଲି କର୍ପୋରେସନକୁ ଉପକୃତ କରିବା ଅଭିସନ୍ଧି ରଖିଛନ୍ତି । ପିସିସି ଇସ୍ତାହାର କମିଟି ଅଧ୍ୟକ୍ଷ ଶ୍ରୀ ପଂଚାନନ କାନୁନଗୋ ସିଏଜିଙ୍କ ଦ୍ୱାରା ଆକାଉଂଟିକ ଅଡିଟ ଓ ବିଜୁଳି ଅଡିଟ କରିବାପାଇଁ ଦାବି କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ଉପସ୍ଥିତି ଥିଲେ ।

# ଷ୍ଟିଲ୍ ସିଟିରେ ଝାଡାବାନ୍ତି ବ୍ୟାପିବା ପଛରେ କିଏ ?



ଭୁବନେଶ୍ୱର,୧୮।୧୨(ପି.ଏନ): ଷ୍ଟିଲ୍ ସିଟି ରାଉରକେଲାର ସ୍ଥିତି ବେହାଲ୍। ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ଗୋଟିଏ ପଡାରୁ ଅନ୍ୟ ପଡାକୁ ବ୍ୟାପିବାରେ ଲାଗିଛି ଝାଡାବାନ୍ତି। ଗତ ସାତ ଦିନରେ ବେହାଲ୍ ହେଲାଣି ଷ୍ଟିଲ୍ ସିଟିର ଅବସ୍ଥା। ଗଲାଣି ୬ଟି ମୂଲ୍ୟବାନ ଜୀବନ। ଶତାଧିକ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ସରକାରୀ ଓ ଘରୋଇ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ସବୁଠାରୁ ଦୁଃଖର ବିଷୟ ସରକାରୀ ମେଡିକାଲ୍‌ରେ ରୋଗୀଙ୍କ ଚିକିତ୍ସା ପାଇଁ ବେଡ୍ ନାହିଁ। ତେଣୁ ମେଡିକାଲ୍ ଚଟାଣରେ ରୋଗୀ ସେବା ଚାଲିଥିବା ଅଭିଯୋଗ ହେଉଛି। ତେବେ ଏଠି ପ୍ରଶ୍ନ ଉଠୁଛି, ବାହାରୁ ଚକାଚକ୍ ଦିଶୁଥିବା ରାଉରକେଲା ସ୍ମାର୍ଟ ସିଟିରେ ଝାଡାବାନ୍ତି ବ୍ୟାପିବା ପଛରେ କିଏ ଝାଡାବାନ୍ତି ବ୍ୟାପିବା ପରେ ଏବେ ଏମିତି ପ୍ରଶ୍ନ ପଚାରିଛନ୍ତି ରାଉରକେଲା ବାସୀ।ଝାଡାବାନ୍ତି କବ୍‌ଜାରେ ରାଉରକେଲା ! ଛେଣ୍ଡ କଲୋନୀଠୁ ଆରମ୍ଭ କରି ସିଭିଲ୍ ଟାଉନସିପ୍, ପାନପୋଷରୁ କୋଏଲ ନଗର; ଏବେ ସବୁଠି ସ୍ଥିତି ଗମ୍ଭିର। ଆକ୍ରାନ୍ତଙ୍କ ସଂଖ୍ୟା ୬୦୦ ପାର କଲାଣି। ହେଲେ ରୋଗୀ ଚିକିତ୍ସା ପାଇଁ ସରକାରୀ ହସ୍ପିଟାଲରେ ବେଡ୍‌ର ଅଭାବ ଦେଖାଦେଇଛି। ରୋଗୀ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ଧୀରେ ଧୀରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ପ୍ରତିଦିନ ହସ୍ପିଟାଲରେ ଡାଇରିଆ ରୋଗୀଙ୍କ ସଂଖ୍ୟା ବଢୁଛି। ସ୍ଥିତି ବିଗୁଡୁଥିବା ଦେଖି ଜିଲ୍ଲା ପ୍ରଶାସନ ଭୁବନେଶ୍ୱରରୁ ଡାକ୍ତର, ନର୍ସ ଆଣି ଚିକିତ୍ସା କରାଯାଉଛନ୍ତି।

# ଇଣ୍ଡିଆ ବୈଠକ ପୂର୍ବରୁ କେଜ୍ରିୱାଲଙ୍କୁ ଭେଟିଲେ ଦିଦି



ନୂଆଦିଲ୍ଲୀ,୧୮।୧୨(ପି.ଏନ): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି ତାଙ୍କ ଦିଲ୍ଲୀ ପ୍ରତିପକ୍ଷ ଅରବିନ୍ଦ କେଜ୍ରିୱାଲଙ୍କୁ ଭେଟିଛନ୍ତି। ଦିଲ୍ଲୀରେ ବିରୋଧୀ ମେଣ୍ଟ ଇଣ୍ଡିଆର ବୈଠକ ପୂର୍ବରୁ ଏଭଳି ଭେଟଘାଟ ହୋଇଛି। ଭେଟଘାଟ ସମୟରେ ଆପ ନେତା ରାଘବ ଚଢ୍ଡା ମଧ୍ୟ ଉପସ୍ଥିତ ରହିଥିଲେ।ଆସନ୍ତାକାଲି ଇଣ୍ଡିଆ ମେଣ୍ଟର ବୈଠକ ଦିଲ୍ଲୀରେ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଠାରୁ ୪ ଦିନିଆ ଦିଲ୍ଲୀ ଗସ୍ତରେ ଦିଦି ଆସିଛନ୍ତି। ସେ ଆସନ୍ତାକାଲି ଇଣ୍ଡିଆ ମେଣ୍ଟର ବୈଠକରେ ଯୋଗଦେବେ।

## ଏସସିବି ମେଡିକାଲ୍‌ରେ ହଜିଗଲେ ଦୁଇ ଝିଅ ! ଫଟୋ ଧରି ଖୋଜୁଛନ୍ତି ବାପା

ଭୁବନେଶ୍ୱର,୧୮।୧୨(ପିଏନ):କେତେ ଆଶା ନେଇ ବଡ ମେଡିକାଲ୍ ଧାଇଁ ଆସିଥିଲେ ଜଣେ ସ୍ନେହ କାଙ୍ଗାଳି ବାପା। ଭାବିଥିଲେ ବଡ ମେଡିକାଲ୍ ?ରେ ବଡ ଡାକ୍ତର ଦେଖିବେ। ଆଉ ମାନସିକ ରୋଗରେ ଘାଣ୍ଟି ହେଉଥିବା ଦୁଇ ଝିଅ ଭଲ ହୋଇଯିବେ। ହେଲେ ଦିନରେ ଦେଖିଥିବା ସବୁ ସପନ ଅଧାରେ ରହିଗଲା। ଝଉଇ ମେଡିକାଲ୍ ?ରେ ହଜିଗଲେ ଦୁଇ ଝିଅ। ଏବେ କଟକର ବାଉନ୍ ? ବଜାର ତେପନ ଗଳିରେ ଦୁଇ ଝିଅଙ୍କୁ ଖୋଜୁଛନ୍ତି ରଘୁନାଥ ମାସନ୍ତ। ରଘୁନାଥ ମାସନ୍ତଙ୍କ ଘର ବାଲେଶ୍ୱର ଜିଲ୍ଲା ରାଇବଣୀଆ ଥାନା ମାଙ୍କିଡିଆ ଗାଁରେ। ତାଙ୍କର ପୂରା ପରିବାର ଅର୍ଥାତ ପତ୍ନୀ, ପୁଅ ଓ ଦୁଇ ଝିଅ ମାନସିକ ରୋଗରେ ଆକ୍ରାନ୍ତ ହୋଇଥିଲେ। ତେଣୁ ସେ ସମସ୍ତଙ୍କୁ ଧରି ବାଲେଶ୍ୱର ଫକୀରମୋହନ ମେଡିକାଲ୍ ? କଲେଜ ଆଣ୍ଡ ହସ୍ପିଟାଲକୁ ଆସିଥିଲେ। ସେଠାରେ ଡାକ୍ତର ଚେକ୍ ?ଅପ୍ ? ପରେ କଟକ ଏସ୍ ?ସିବିକୁ ରେଫର କରିଥିଲେ। ତେଣୁ ରଘୁନାଥ ପୂରା ପରିବାରକୁ ଧରି ଗତ ୬ ତାରିଖରେ କଟକ ଆସିଥିଲେ। ଏସ୍ ?ସିବି ମେଡିକାଲ୍ ?ରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ୬ଟା ହୋଇଯାଇଥିଲା। ଆଉ ମାନସିକ ରୋଗ ବିଭାଗ ବନ୍ଦ ହୋଇଯାଇଥିଲା।

# ସମସ୍ତ ଖଣି ଓ କାରଖାନାରେ ସ୍ଥାନୀୟ ଲୋକ ନିଯୁକ୍ତି ନ ହେଲେ ଜାନୁୟାରୀ ୩୦ ତାରିଖ ଠାରୁ ଧାରଣା




ଅନୁଗୁଳ, ୧୮।୧୨(ପି.ଏନ): ଅନୁଗୁଳ, ସମ୍ବଲପୁର, ଝାରସୁଗୁଡ଼ା, ତାଳଚେର ଅଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷଣ ପାଇଁ ସ୍ଥାୟୀ ବ୍ୟବସ୍ଥା, ମୃତ୍ୟୁର ଜନ୍ତାଘର ପାଲଟି ଥିବା ଜାତୀୟ ରାଜପଥ-୫୫ ର କାର୍ଯ୍ୟର ସଂପୂର୍ଣ୍ଣ ଟ୍ରାଫିକ୍ ବ୍ୟବସ୍ଥାର ସୁଧାର, ନାଲ୍‌କୋ, ଏନ୍.ଟି.ପି.ସି., ତାଳଚେର କଲେରୀ, ଜିନ୍ଦଲ ଓ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ କାରଖାନରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ବ୍ୟବସ୍ଥା ଓ ଡ଼ି.ଏମ୍.ଫଣ୍ଡରେ ଥିବା ୨୩୦୦ କୋଟି ଟଙ୍କାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ, ମେଡ଼ିକାଲ ଓ ପାନୀୟ ଜଳ ପାଇଁ ଖର୍ଚ୍ଚ ଓ କେନ୍ଦ୍ର ମନ୍ତ୍ରୀଙ୍କ ଦ୍ୱାରା ୨୦୧୯ ରେ ଉଦ୍‌ଘାଟିତ ଚକ୍ଷୁ ଚିକିତ୍ସାଳୟ ଓ ତାଳଚେରରେ ପ୍ରସ୍ତାବିତ କୋଇଲା ଖଣି ମେଡ଼ିକାଲ କଲେଜ ତୁରନ୍ତ କାର୍ଯ୍ୟକାରୀ ନ ହେଲେ ମହାତ୍ମାଗାନ୍ଧୀଙ୍କ ମହାପରାୟଣ ଦିବସ ଜାନୁୟାରୀ-୩୦, ୨୦୨୪ ମସିହାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓ ଏହା ସହିତ ସଂଯୁକ୍ତ ୟୁନିୟନ ସହିତ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣା, ଧର୍ମଘଟ ଓ ସତ୍ୟାଗ୍ରହ କରାଯିବ ବୋଲି ଆଜି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡଃ ରାମଚନ୍ଦ୍ର ଖୁଣ୍ଟିଆ, ଆଇ.ଏନ୍.ଟି.ୟୁ.ସିର କମକର୍ତ୍ତା ଓ ରାଜ୍ୟ କର୍ମକର୍ତ୍ତା ଘୋଷଣା କରିଛନ୍ତି। ମଙ୍ଗୁଳି ଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଏନ୍.ଏସ୍.-୫୫ ର ସଂପ୍ରସାରଣ କାମ ଦୀର୍ଘ ୭ ବର୍ଷ ହେଲା ନ ସରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅପାରଗତାର ଏକ ଜ୍ୱଳନ୍ତ ନିର୍ଦ୍ଦେଶନ। ରାସ୍ତାର ଶୋଚନୀୟ ଅବସ୍ଥା ହେତୁ ଏହା ଏକ ମୃତ୍ୟୁର ଜନ୍ତାଘର ପାଲଟିଛି।୨୦୨୩ ଜାନୁୟାରୀ ଠାରୁ ୨୦୨୩ ନଭେମ୍ବର ମଧ୍ୟରେ ଉକ୍ତ ରାଜପଥରେ ୧୫୫ ଜଣଙ୍କ ଲୋକଙ୍କର ପ୍ରାଣହାନୀ ହେବା ସହିତ ଦୁର୍ଘଟଣା ୨୦୫ ଜଣ ସଂପୂର୍ଣ୍ଣ ଅକ୍ରମଣ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ ଓ କର୍ମଚାରୀ। ଏଣୁ ଏ ସମସ୍ତ ଗୁରୁତର ଆହତ ଓ ମୃତ୍ୟୁ କର୍ମଚାରୀ ପରିବାରକୁ ଅନ୍ୟୁନ୍ୟ ୧୫ ଲକ୍ଷ ଟଙ୍କା କେନ୍ଦ୍ର ସରକାରୀ ସାହାଯ୍ୟ ଦେବା ପାଇଁ ଆମେ ଦାବୀ କରୁଛୁ ଏବଂ ଏହି କାର୍ଯ୍ୟକୁ ତୁରନ୍ତ ଜାନୁୟାରୀ ମାସରେ ସଂପୂର୍ଣ୍ଣ ଶେଷ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଆମେ ଦାବୀ କରୁଛୁ। ଅନ୍ୟପକ୍ଷରେ ବଂରପାଳ ଛକରୁ ବଡ଼କେରା ପର୍ଯ୍ୟନ୍ତ ଜାତୀୟ ରାଜପଥ ତଥା ବଂରପାଳ ଛକରୁ ବଲ୍ଲର ଛକ ପର୍ଯ୍ୟନ୍ତ ରାଜ୍ୟ ରାଜପଥକୁ ଜାନୁୟାରୀ ୩୦ ତାରିଖ ମଧ୍ୟରେ ଯୁଦ୍ଧକାଳୀନ ଭିତରେ ସଂପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରୁଛୁ। ଏତଦ୍‌ବ୍ୟତୀତ ଜାତୀୟ ରାଜପଥର କାପାସିଟି ଥିବା ୨୦ ଟନ ଅନୁମୋଦନ ଥିବାବେଳେ ଖଣି ଓ କାରଖାନାର ମାଲିକମାନେ ୪୦ ଟନ୍ ଟ୍ରକ ନେଉଥିବାରୁ ରାସ୍ତାର କ୍ଷୟକ୍ଷତି ହେଉଛି ଓ ଟ୍ରାଫିକ୍ ଜାମ୍ ହେଉଛି। ୨୦୦୮ ମସିହାରେ ତାଳଚେର ଅନୁଗୁଳ ରେଳରାସ୍ତା ମଧ୍ୟରେ ନାଲ୍‌କୋ ନଗର ନିକଟରେ ଏକ ପାସେଞ୍ଜର ହଲ୍‌ଟ ପାଇଁ ନାଲ୍‌କୋ ରେଳ ବିଭାଗଙ୍କ ଦ୍ୱାରା ପ୍ରଦତ୍ତ ଚିଠି ଅନୁଯାୟୀ ଏ ବାବଦ ଖର୍ଚ୍ଚକୁ ଭରଣା କରିବା ପାଇଁ ୨୬ ଲକ୍ଷ ଟଙ୍କା ରେଳବାଇ ନିକଟରେ ଜମା କରିଥିଲେ। ଦୀର୍ଘ ୧୫ ବର୍ଷ ପରେ ଷ୍ଟେସନ ହେବା ଦୂରର କଥା ବର୍ତ୍ତମାନ ରେଳବାଇ ବିଭାଗ ୩ କୋଟି ୩୨ ଲକ୍ଷ ଟଙ୍କାର ଏକ ଚିଠା ପ୍ରସ୍ତାବ ନାଲ୍‌କୋକୁ ପ୍ରଦାନ କରିଛନ୍ତି। ଉକ୍ତ ପାସେଞ୍ଜର ହଲ୍‌ଟ ଦ୍ୱାରା ନାଲ୍‌କୋ ନଗର ସମେତ ପାର୍ଶ୍ୱବର୍ତ୍ତି ଅଂଚଳର ୧୦ ଟି ଗ୍ରାମ ପଂଚାୟତର ଲକ୍ଷାଧିକ ଲୋକ ଉପକୃତ ହେବେ। ତେଣୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରେଳମନ୍ତ୍ରୀ ବିନା ଟଙ୍କା ପୈଠରେ ତୁରନ୍ତ ଉକ୍ତ ପାସେଞ୍ଜର ହଲ୍‌ଟକୁ କାର୍ଯ୍ୟକାରୀ କରିବା ପାଇଁ ଦାବୀ କରୁଛି। ତାଳଚେର, ସମ୍ବଲପୁର, ଝାରସୁଗୁଡ଼ା, ଅନୁଗୁଳ, ଢ଼େଙ୍କାନାଳ, ଡୁବୁରୀ, କେନ୍ଦୁଝର, ବଡ଼ବିଲ ଅଂଚଳ ଖଣି କାରଖାନା ହେତୁ ବାୟୁ ପ୍ରଦୂଷଣ ସ୍ତର ୨୦୦ ରୁ ୩୦୦ ଏମ୍.ଜି / ସିଏମୟୁ ରହିଛି। ଯାହାଫଳରେ ଅଧିକାଂଶ ସ୍ଥାନୀୟ ଅଧିବାସୀ, ଶ୍ୱାସ, ଜଖମା, କ୍ୟାନ୍‌ସର, ସିଲ୍‌କୋସିସ୍, ରକ୍ତଚାପ ଓ ହୃଦରୋଗରେ ପିଡ଼ିତ ହୋଇ ମୃତ୍ୟୁବରଣ କରୁଛନ୍ତି। ବଂଚିବା ଓ ଲୋକଙ୍କର ଜୀବନ ସୀମା କମି ଯାଉଛି। ଏଣୁ ଏ ସମସ୍ତ ଅଂଚଳର ବାୟୁ ଓ ଜଳର ପ୍ରଦୂଷଣ ସ୍ତରକୁ ରୋକିବା ପାଇଁ ସ୍ଥାୟୀ ବ୍ୟବସ୍ଥା କରିବା ପାଇଁ ଆମେ ଦୃଢ଼ ଦାବୀ କରୁଛୁ। ଅନୁଗୁଳ ଜିଲ୍ଲାରେ ମହାନଦୀ କୋଇଲା ଖଣି, ନାଲ୍‌କୋ, ଏନ୍.ଟି.ପି.ସି, ହେଭି ୱାଟର ପ୍ରୋଜେକ୍ଟ ପ୍ରସ୍ତାବିତ ସାରକାରଖାନା, ରେଙ୍ଗାଲି ବିଦ୍ୟୁତ୍ କେନ୍ଦ୍ର ଭଳି ସରକାରୀ ଉଦ୍ୟୋଗ ଠାରୁ ଆରମ୍ଭ କରି ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ପ୍ଲାଣ୍ଟ, ଟାଟା ଭୂଷଣ, ରୁଙ୍ଗ୍‌ଟା ଷ୍ଟିଲ୍, ନବ ଭାରତ ଓ ଜି.ଏମ୍. ଆର ଭଳି ବିଭିନ୍ନ ବେସରକାରୀ ଶିଳ୍ପ ଉଦ୍ୟୋଗ କାର୍ଯ୍ୟ କରୁଛି। ଏହି ସବୁ କାରଖାନାର ଲାଭାଂଶ ଠାରୁ ଆରମ୍ଭ କରି ଜି.ଏସ୍.ଟି, ଖଣି ରୟାଲିଟ୍, ଆୟକର ଏବଂ କାର୍ଯ୍ୟରତ କର୍ମଚାରୀମାନଙ୍କ ଆୟକରକୁ ହିସାବକୁ ନେଲେ ବର୍ଷକୁ ପାଖାପାଖି ୬୦,୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଉଛି। ଦୁଃଖର କଥା ଉଭୟ ସରକାର ଆଶାନୁରୂପକ ଅର୍ଥ ପ୍ରାପ୍ତ ହେଲା ପରେ ବି ଅଞ୍ଚଳବାସୀଙ୍କ ଅତ୍ୟାବଶ୍ୟକ କାର୍ଯ୍ୟ କରିବା ପାଇଁ ଅସମର୍ଥ। ଅନ୍ୟ ପକ୍ଷରେ ଅଞ୍ଚଳବାସୀମାନେ ବିଭିନ୍ନ ସମୟରେ ସେମାନଙ୍କ ନ୍ୟାର୍ଯ୍ୟଦାବୀ ହାସଲ ପାଇଁ ରାଜରାସ୍ତାକୁ ଓହ୍ଲାଉଛନ୍ତି ଯାହାଦ୍ୱାରା କାରଖାନାଗୁଡ଼ିକର ଉତ୍ପାଦନ ହ୍ରାସ ହେବା ସହିତ ସାଧାରଣ ଜୀବନ ଯାପନ ବାଧାପ୍ରାପ୍ତ ହେଉଛି । ତେଣୁ ଏହାର ସ୍ଥାୟୀ ସମାଧାନ ନିମନ୍ତେ ଆଜିର ସାମ୍ବାଦିକ ସମ୍ମୀଳନୀରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିଛୁ। ନାଲ୍‌କୋରେ କର୍ମଚାରୀମାନଙ୍କ ଅବସର, ମୃତ୍ୟୁ ଏବଂ ନୂତନ ପ୍ରକଳ୍ପ ନିର୍ମାଣ ଜନିତ କାରଣରୁ ହଜାର ହଜାର ପଦବୀ ଖାଲି ପଡ଼ିଛି। ଏପରିକି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅତ୍ୟାବଶ୍ୟକୀୟ ପଦବୀ ମଧ୍ୟ ଖାଲି ପଡ଼ିଛି। ଯଦି ସରକାର ତର୍ଜମା କରନ୍ତି ତେବେ ଯେକୌଣସି ସମୟରେ ନାଲ୍‌କୋର ଉତ୍ପାଦନ ମଧ୍ୟ ବନ୍ଦ ହୋଇଯାଇପାରେ। ଅନେକ ସମୟରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଖଣି ମନ୍ତ୍ରଣାଳୟ ପର୍ଯ୍ୟନ୍ତ ଏ ସମ୍ବନ୍ଧରେ ଆଲୋଚନା କଲେ ବି କୌଣସି ସକାରାତ୍ମକ ପଦକ୍ଷେପ କରାଯାଇନାହିଁ। ଅନ୍ୟପକ୍ଷରେ ଇଞ୍ଜିନିୟର ଓ ପ୍ରଶାସନ ଟ୍ରେନିଂ ପ୍ରକ୍ରିୟା ଗେଟ୍‌ର ସ୍କୋରକୁ ବିଚାରକୁ ନେଇ କରିଥିବାରୁ ପ୍ରାୟ ଓଡ଼ିଆଙ୍କ ଯୋଗ୍ୟ ପିଲାମାନେ ନିଯୁକ୍ତି ସୁଯୋଗରୁ ବଂଚିତ ହେଉଛନ୍ତି। ତେଣୁ ଆମେ ଦାବୀ କରୁଛୁ ଗେଟ୍ ସ୍କୋରକୁ ବାଦ୍ ଦେଇ ପୂର୍ବଭଳି ସ୍ୱତନ୍ତ୍ର ପରୀକ୍ଷା ମାଧ୍ୟମରେ ଜି.ଇ.ଟି.,ଏମ୍.ଟି. ଚୟନ କଲେ ଓଡ଼ିଶାର ଯୋଗ୍ୟ ପିଲାମାନେ ନାଲ୍‌କୋରେ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ । ଆଗାମୀ ଦିନରେ ନାଲ୍‌କୋ ତା'ର ନିଯୁକ୍ତି ପ୍ରକ୍ରିୟାରେ ଜମିହରା ପ୍ରଜା ତଥା କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ଅଭିଜ୍ଞତାକୁ ଭିତ୍ତିକରି ନିଯୁକ୍ତି କଲେ ଏହା କାରଖାନା ପାଇଁ ଲାଭ ଦାୟକ ହେବ ଏବଂ ଏ ସମ୍ବନ୍ଧୀୟ ଆନ୍ଦୋଳନରୁ ଲୋକେ ନିବୃତ୍ତ ରହିବେ। ଦୀର୍ଘ ୪୪ ବର୍ଷ ପରେ ନାଲ୍‌କୋ ଦ୍ୱାରା କ୍ଷତିଗ୍ରସ୍ତ ଅଧିବାସୀମାନଙ୍କ ପାଇଁ ଏକ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ନିଷ୍ପତ୍ତି କରାଯାଇନାହିଁ। ଯାହାଦ୍ୱାରା ବିଭିନ୍ନ ସମୟରେ ଜନଅସନ୍ତୋଷ, ଜନ ଆନ୍ଦୋଳନ ଯୋଗୁଁ କାରଖାନାର ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ତେଣୁ ଉଭୟ ଓଡ଼ିଶା ରାଜ୍ୟ ସରକାର ଓ କେନ୍ଦ୍ର ସରକାର ତଥା ନାଲ୍‌କୋ କର୍ତ୍ତୃପକ୍ଷ ତୁରନ୍ତ ଏକସ୍ଥାୟୀ ନିୟମାବଳୀ ପ୍ରସ୍ତୁତ କଲେ ଏ ଅଂଚଳରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ଏହାଭିତରେ ନାଲ୍‌କୋର ବକ୍ସାଇଟ୍ ମାଇନ୍‌ସ ଓ ରିଫାଇନାରୀର ତୃତୀୟ ପର୍ଯ୍ୟାୟ ସଂପ୍ରସାରଣ କାର୍ଯ୍ୟ ଆଗେଇ ଚାଲିଛି। ନାଲ୍‌କୋକୁ ମଧ୍ୟ ସରକାର ପଟାଙ୍ଗି ବକ୍‌ସାଇଟ ମାଇନ୍‌ସ୍ ପ୍ରଦାନ କରଛନ୍ତି। ଯାହାଦ୍ୱାରା ବକ୍‌ସାଇଟ୍ କ୍ଷେତ୍ରରେ ନାଲ୍‌କୋ ଆତ୍ମନିର୍ଭରଶୀଳ। ସେହିଭଳି ସରାକର ମଧ୍ୟ ଶକ୍ତି ଉତ୍ପାଦନ ପାଇଁ ଦୁଇଟି କୋଇଲା ଖଣି ପ୍ରଦାନ କରିଛନ୍ତି। ଯାହାଦ୍ୱାରା କୋଇଲା କ୍ଷେତ୍ର ମଧ୍ୟ ନାଲ୍‌କୋର ଆତ୍ମନିର୍ଭରଶୀଳ। ଯଦି ସ୍ମେଲଟର ଓ ପାୱାର ପ୍ଲାଣ୍ଟର ସଂପ୍ରସାରଣ ନ ହୁଏ ତେବେ ବଳକା ଆଲୁମିନାକୁ ନାଲ୍‌କୋ ଶାଗ ମାଛ ଦରରେ ବିଦେଶରେ ବିକ୍ରି କରିବ। ଅନୁଗୁଳ ଠାରେ ମଧ୍ୟ ଏକ ଆଲୁମିନିୟମ ପାର୍କ ନିର୍ମାଣଧିନ। ଯଦି ଉଭୟ ସ୍କେଲଟର ଓ ନିଜସ୍ୱ ବିଦ୍ୟୁତ କେନ୍ଦ୍ର ସଂପ୍ରସାରଣ ହୁଏ ଅତି କମ୍ ଦରରେ ଆଲୁମିନିୟମ ପାର୍କ ପାଇଁ ନାଲ୍‌କୋ ଆଲୁମିନିୟମ ଯୋଗାଇ ଦେବ ଯାହାଦ୍ୱାରା ଡାଉନ୍‌ଷ୍ଟ୍ରମ ପ୍ରକ୍ରିୟାରେ ଆଲୁମିନିୟମ କ୍ଷେତ୍ରରେ ଓଡ଼ିଶା ଆତ୍ମ ନିର୍ଭରଶୀଳ ସହିତ ଅନେକ ଚାକିରୀ ତଥା ବ୍ୟବସାୟିକ ସୁଯୋଗ ଯୁବକମାନେ ପାଇପାରିବେ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୮ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## 'କର୍ଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁରେ ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢ଼ମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ଡିସେମ୍ବର ୧୯**

# ଯୀଶୁଙ୍କର ପ୍ରାସଙ୍ଗିକତା



ଡୁଇଟ ଡେଭିଡ ଫିଲିପ

ଯୀଶୁ କହିଦେଲେ, ଅନେକଙ୍କୁ ବିଦେଶୀ ଓ ଗୋରା ମାନଙ୍କର ଭଗବାନ ବା କୃର, ନିଷ୍ଠୁର, ଧନ ଓ ପଦବୀର ଲାଳସା ଥିବା ଲୋକଙ୍କ ଦେବତା ପରି ଲାଗେ। ସଂସ୍କୃତି ଛଡା ଲୋକର ଧର୍ମ ଗୁରୁ ପରି ଲାଗେ। ଘୃଣା ଓ ବିତୃଷ୍ଣାରେ ମୁଣ୍ଡ ଗରମ ହୋଇ ଯାଏ। ଅସୁର୍‌ିର ମନୋଭାବ ବଳେ ସୃଷ୍ଟି ହୋଇ ଯାଏ। କିନ୍ତୁ ଯିଏ ଯୀଶୁଙ୍କୁ ବ୍ୟକ୍ତିଗତ ଭାବରେ ଜାଣିଛି, ଅନୁଭୂତିରୁ, କିମ୍ୱା ବାଇବେଲ ପଢ଼ି, କିମ୍ୱା ଇତିହାସ ପଢ଼ି, ତାଙ୍କୁ ଯୀଶୁ ଶବ୍ଦ ବାହାରେ କେଉଁଠି ଶୁଣିଲେ, ମନ ଖୁସିରେ ବିଭୋର ହୋଇ ଯାଏ। ଯିଏ ଯୀଶୁଙ୍କୁ ଜାଣିଛି କିନ୍ତୁ ପ୍ରକାଶରେ ଗ୍ରହଣ କରିପାରି ନାହିଁ, ସେ ନିଜକୁ ଦୋଷୀ ଓ ମନରେ ଅସ୍ୱାଭାବିକ ମନେକରେ।

ଆପଣ କେଉଁ ଦଳ ଭିତରେ ଯାଆନ୍ତି ମୁଁ ଜାଣି ନାହିଁ, କିନ୍ତୁ ମୁଁ ଜାଣି ଆଶ୍ଚର୍ଯ୍ୟ ହୁଏଁଯେ, ଯିଏକି କୌଣସି ଏକ ସହରରେ ଜନ୍ମ ହୋଇ ନଥିଲେ, କୌଣସି ଏକ କଲେଜରେ ପଢ଼ି ନଥିଲେ, କୌଣସି ଏକ ବହିଟିଏ ଲେଖିନ ଥିଲେ, ଯାହାର କୌଣସି ଅଫିସଟିଏ ନଥିଲା, ଯିଏକି ୨୦୦ ମାଇଲରୁ ଅଧିକ ଦୂର ଯାତ୍ରା କରିନଥିଲେ, ଯାହାଙ୍କୁ ସେସମୟର ସରକାର ଓ ଧାର୍ମିକ ନେତାମାନେ ବିରୋଧ କଲେ, ଯାହାଙ୍କୁ ନିଜ ସାଙ୍ଗ ସାଥୀ ଛାଡି ଚାଲିଗଲେ, ଯାହାଙ୍କ କଥାକୁ ଥଟ୍ଟା କରି, କ୍ରୁଷରେ ହତ୍ୟା କରାଗଲା, ଯାହାଙ୍କର ନିଜର ସ୍ଥାବର ସମ୍ପତ୍ତି ବୋଲି କିଛି ନଥିଲା, ଯାହାଙ୍କ ମୃତ ଶରୀରକୁ ଅନ୍ୟର କବରରେ ଅନ୍ତିମ କ୍ରିୟା କରାଗଲା, ସେ ୨୦୦୦ ବର୍ଷ ପରେବି ପୃଥିବୀର ଜ୍ଞାନୀ ମାନଙ୍କ ପାଇଁ ଅପ୍ରାଶଙ୍ଗିକ ହୋଇ ନାହାନ୍ତି। ତାହାଙ୍କ ଜନ୍ମ ଦିନ ପୃଥିବୀ ଇତିହାସକୁ ଦୁଇ ଭାଗ କରି ଦେଇଛି। ମୋର ମନେ ହୁଏ, କ୍ଷମା ବିନା ପରିବାର, ସମାଜ, ଦେଶ ଓ ପୃଥିବୀରେ ଶାନ୍ତି ଅସମ୍ଭବ, ଯେହେତୁ ଆମେ ସମସ୍ତେ ଅକ୍ଷମଣୀୟ ଭୁଲ, ସବୁ ବେଳେ କରୁଛୁ। ଯୀଶୁଙ୍କ ଶ୍ରେଷ୍ଠ ଉପଦେଶ: ପରସ୍ପରକୁ ପ୍ରେମ କର ଓ କ୍ଷମାକର। ଆପଣଙ୍କୁ ଯୀଶୁ ଖ୍ରୀଷ୍ଟଙ୍କର ୨୦୨୩ ତମ ଜନ୍ମ ଉତ୍ସବର ଶୁଭେଚ୍ଛା। ଯେଉଁମାନେ ଯୀଶୁଙ୍କ ବିଷୟରେ ଅଧିକ ଜାଣିବାକୁ ଚାହୁଁଛନ୍ତି, ତାଙ୍କ ପାଇଁ ସୂଚନା। ଯୀଶୁଙ୍କ ନାମ, ଜନ୍ମ ସ୍ଥାନ, ଅବିବାହିତ କନ୍ୟାରୁ ଜନ୍ମ ହେବେ, ତାଙ୍କ ମୃତ୍ୟୁର ଦୁଃଖଦ ବିବରଣୀ, ମୃତ୍ୟୁରୁ ପୁନରୁତ୍ଥାନ, ସ୍ୱର୍ଗାରୋହଣ, ଆଲୌକିକ କାର୍ଯ୍ୟ କରିବେ, ଇତ୍ୟାଦି, ଯୀଶୁଙ୍କ ଜନ୍ମର ସହ ସହ ବର୍ଷ ପୂର୍ବରୁ ଭବିଷ୍ୟତ ବାଣୀ ଲେଖା ହୋଇ ଥିଲା। ଯିହୁଦୀ ମାନେ, ଯୀଶୁଙ୍କ ଏହି ପୁରୁଣା ଭବିଷ୍ୟତ ବାଣୀକୁ ବିଶ୍ୱାସ କରି ଆଜିବି ଅପେକ୍ଷା କରୁଛନ୍ତି। ଭାରତର କିଛି ଗ୍ରନ୍ଥ ମଧ୍ୟ ଏହାର ସୂଚନା ସାଧୁ ଚିଲାସ୍ୱାଙ୍କ 'ସତ୍ୟକେ ଔର ଏକ ଖୋଜ' ବହିରେ ସଂକଳିତ ହୋଇଛି।ଯୀଶୁ ନିଜ ମୃତ୍ୟୁର ଦୁଃଖଦ ପ୍ରକ୍ରିୟାକୁ ଭବିଷ୍ୟତ ବାଣୀ କରି ମୃତ୍ୟୁ ପୂର୍ବରୁ ଜଣାଇ ଦେଇଥିଲେ। ଯୀଶୁ ରୋଗୀଙ୍କୁ ସୁସ୍ଥ କରୁଥିଲେ। ଭୋକିଲାଙ୍କୁ ପ୍ରାର୍ଥନା ବଳରେ ଖାଦ୍ୟ ଖୁଆଉ ଥିଲେ। ଯୀଶୁ ମନ କଥା ଜାଣୁଥିଲେ ଓ କହି ଦେଇ ଅନ୍ୟକୁ ଆଶ୍ଚର୍ଯ୍ୟ କରି ଦେଉଥିଲେ। ଯୀଶୁ ମୃତ୍ୟୁ ପରେ ଆଉଥରେ ଜୀବିତ ହୋଇ ଅନେକଙ୍କୁ ଦର୍ଶନ ଦେଇଥିଲେ। ଯୀଶୁ ନିଜକୁ ଯୋହୋବା ଈଶ୍ୱରଙ୍କ ସନ୍ତାନ ଓ ନିଜକୁ ଯୋହୋବ ଦାବି କହୁଥିଲେ। ଏହି କାରଣରୁ ଯୀଶୁଙ୍କୁ ଦୋଷୀ ବୋଲି ଆକ୍ଷେପ କରି, କ୍ରୁଷରେ ମୃତ୍ୟୁ ଦଣ୍ଡ ଦିଆ ଯାଇଥିଲା। ଯୀଶୁଙ୍କର ଜ୍ଞାନୀ ଓ ଧନୀ ଶିଷ୍ୟ, ତଥା ଯୀଶୁଙ୍କ ଶିକ୍ଷିତ, ଅଶିକ୍ଷିତ ଓ ଗରିବ ଶିଷ୍ୟ, ଉଭୟେ ଯୀଶୁଙ୍କ ମୃତ୍ୟୁ ପରେ, ନିଜ କୌଳିକ ବୃତ୍ତିକୁ ଫେରି ଯାଇଥିଲେ। ଯୀଶୁ ଯେତେବେଳେ ମୃତ୍ୟୁପରେ ବାର ବାର ସ୍ୱଶରୀରରେ ଦେଖାଦେଲେ, ଯୀଶୁଙ୍କ ଜ୍ଞାନୀ ଓ ଧନୀ ଶିଷ୍ୟ ତଥା ଯୀଶୁଙ୍କ ଦ୍ୱାରା ସୁଶିକ୍ଷିତ ଓ ଗରିବ ଶିଷ୍ୟ, ଯୀଶୁଙ୍କ ଆଦେଶ ଓ ବାଣୀ ମାନି ଯୀଶୁ ଓ ଯୋହୋବା ଈଶ୍ୱରଙ୍କ ପ୍ରେମ ଓ କ୍ଷମା ଗୁଣ ଓ ଅନନ୍ତ ଜୀବନର ସୂତ୍ରକୁ ପ୍ରଚାର କଲେ। ଯିଏ ଯୀଶୁଙ୍କୁ ଗ୍ରହଣ କରେ, ସେ ଯୀଶୁ ଓ ଯୋହୋବା ଈଶ୍ୱରଙ୍କ ପ୍ରେମ ଓ କ୍ଷମା ଗୁଣ ଓ ଅନନ୍ତ ଜୀବନର ସୂତ୍ରକୁ ପ୍ରଚାର କରେ, ଯେହେତୁ ଆଜିବି ତାହା ଯୀଶୁଙ୍କ ଶିଷ୍ୟ ମାନଙ୍କ ପାଇଁ ପରାମର୍ଶ ଅଟେ।ଯୀଶୁଙ୍କ ଈଶ୍ୱରତ୍ୱକୁ ପୃଥିବୀର ଦକ୍ଷିଣାଞ୍ଚଳ, ଆଫ୍ରିକା, ଦକ୍ଷିଣ ଏସିଆ, ଦକ୍ଷିଣ ଆମେରିକାର ଦେଶ ମାନେ ବେଶୀ ଗ୍ରହଣ କରୁଛନ୍ତି। ୟୁରୋପ ଓ ଆମେରିକାର ଦେଶ ମାନଙ୍କରେ ଖ୍ରୀଷ୍ଟିଆନ ସଂଖ୍ୟା କମୁଛି, ପୃଥିବୀରେ ଅଶାନ୍ତି ବଢୁଛି।ଯୀଶୁ ଆଜିବି ଦେଖା ଦେଉଛନ୍ତି ବୋଲି କେତେକେ ପ୍ରମାଣ ଦେଇ ଯୀଶୁଙ୍କୁ ଗ୍ରହଣ କରିବା ମୁଁ ଶୁଣିଛି ଓ ପଢୁଛି।ମୋ ଜୀବନରେ, ମୁଁ ଯୀଶୁଙ୍କୁ ପ୍ରାର୍ଥନା କରି ଅନେକ ଥର ସୁସ୍ଥ ହୋଇଛି, ଅନେକ ବିପଦରୁ ମୁକ୍ତି ପାଇଛି, ଉପାର୍ଜନ ଲାଭ କରିଛି, ଶିକ୍ଷା ଓ ଆୟ ଉପାୟ ପାଇଛି। ଅଲୌକିକ କାର୍ଯ୍ୟର ସାକ୍ଷ୍ୟତ ସବୁ ଧର୍ମାବଲମ୍ବି, ସାକ୍ଷ୍ୟ ଓ ପ୍ରମାଣ ଦିଅନ୍ତି। କିନ୍ତୁ ମୁଁ ଆଶ୍ଚର୍ଯ୍ୟ ଯେ, ଇତିହାସରେ ଯୀଶୁଙ୍କ ବିଷୟରେ ବିଭିନ୍ନ ଧର୍ମ ଗ୍ରନ୍ଥ, ଏପରିକି ଭାରତର କେତେକ ଧର୍ମ ଗ୍ରନ୍ଥ ମଧ୍ୟ ସୂଚନା ଦିଏ।ଅନୁଭୂତି ଆସ୍ଥା ଜନ୍ମାଏ। ଯାତ୍ରା ଆରମ୍ଭ କଲେ ଅନୁଭୂତି ଆରମ୍ଭ ହୁଏ। ଯାତ୍ରା ଲମ୍ୱା ହେଲେ ଅନୁଭୂତି ଗୁଡ଼ିକ ବିଶ୍ୱାସକୁ ସୁଦୃଢ଼ କରେ। ଧର୍ମ ପ୍ରଚାର ଉଚିତ୍ ନୁହେଁ, ଏହା ମୋରବି ବିଶ୍ୱାସ ଓ ନୀତି। ଅନୁଭୂତି ଅନ୍ୟକୁ ନକହି ରହି ହୁଏ ନାହିଁ। ଅନେକ ଧର୍ମର ପରିବେଶରେ, ଧର୍ମ ପ୍ରଚାର ଅପ୍ରାଶଙ୍ଗିକ ଭିତିହିନ-ଜିଦ୍ ବୋଲି ମୁଁ ଭାବେ। କିନ୍ତୁ, ଅନୁଭବ ଏକ ଝଡ ତାକୁ ଚାପି ହୁଏନି। ଯୀଶୁଙ୍କ ସହିତ, ମୋ ପାଇଁ ମୋ ଯାତ୍ରା, ତାଙ୍କ ବିଷୟରେ ରଚିତ ବାଇବେଲ ଓ ମୋ ଜୀବନର ଘଟଣା ଗୁଡ଼ିକ ଅନୁଭୂତି। ତାହା ନକହି ରହି ହୁଏନି। ଜେଲରୁ ଆଜିବି ପ୍ରାର୍ଥନା ବଳରେ କଏଦୀ ଖଲାସ ହେବା, ବିନା ଚାକିରୀରେ ଉପାର୍ଜନ, ବିନା ରୋଗରେ ଜୀବନ, (ବାପାଙ୍କ) ଦୀର୍ଘ ଜୀବନ ପାଇଁ ପ୍ରାର୍ଥନା ଓ ଉତ୍ତର, ଅସ୍ୱୀକାର କରି ରହିହେବନି। ଯୀଶୁଙ୍କର ପ୍ରାଶଙ୍ଗିକତା ଆକାଟ୍ୟ, ସେଥିପାଇଁ ମୃତ୍ୟୁ, ରାଜ ଦଣ୍ଡ, ଭୋକ, ହିନ ମନ୍ୟତା ଯୀଶୁଙ୍କୁ ଅସ୍ୱୀକାର କରିପାରୁନାହିଁ ଓ ଆଜିବି ଦକ୍ଷିଣ ପୃଥିବୀ ଯୀଶୁଙ୍କୁ ପ୍ରଭୁ ଈଶ୍ୱର ବୋଲି ବହୁସଂଖ୍ୟାରେ ଗ୍ରହଣ କରି ଚାଲିଛି। ଗାନ୍ଧୀ ଭାରତୀୟ ହୋଇ ଆଫ୍ରୀକାରେ ପ୍ରାଶଙ୍ଗିକ ହୋଇ ପାରିଲେ, ଗୌତମ ବୁଦ୍ଧ ଭାରତୀୟ ହୋଇ ଚିନ୍, ଜାପାନ କୋରିଆରେ ପ୍ରାଶଙ୍ଗିକ, ତେବେ ବିଶ୍ୱଶାନ୍ତି ପାଇଁ କ୍ଷମାର ବାର୍ତ୍ତା ଅପ୍ରସଙ୍ଗିକ ନୁହେଁ। ଯୀଶୁଙ୍କ କ୍ଷମାର ବାର୍ତ୍ତା ଭିନ୍ନ। କରଣ, ଯୀଶୁଙ୍କ ବାର୍ତ୍ତା: ନିଜେ କଷ୍ଟ ପାଇ ଓ କ୍ଷତି ସହି ଅନ୍ୟକୁ କ୍ଷମା ଦେବା ବାର୍ତ୍ତା। ପରସ୍ପର ଭିତରେ ଭୁଲ ଗୁଡ଼ିକର ଡେବିଟ ଓ କ୍ରେଡିଟ ବା କେତେ ଗଲା, କେତେ ମିଳିଲା ଏହି ହିସାବ କଲେ, ଘରେ, ସମାଜରେ, ଦେଶରେ ଓ ପୃଥିବୀରେ ମୟିତ୍ରୀ ସ୍ଥାପନ ହୋଇ ପାରିବ ନାହିଁ।

ଯୀଶୁଙ୍କ ପ୍ରେମ ଓ କ୍ଷମାର ବାର୍ତ୍ତା ଅନେକଙ୍କ ଦ୍ୱାରା ଉପେକ୍ଷିତ, କାରଣ ଯୀଶୁ ମନୁଷ୍ୟର ଅନନ୍ତ ଜୀବନ ପାଇଁ ପ୍ରେମ ଓ କ୍ଷମା ପାଇଁ ଅୟିଶ୍ୱରୀୟ ଅନୁଗ୍ରହର ବାର୍ତ୍ତାକୁ ପ୍ରଦାନ କରନ୍ତି। ପ୍ରକୃତି ଓ ସୃଷ୍ଟି କର୍ତ୍ତାଙ୍କ ଅନୁଗ୍ରହରେ ଦୟା, କ୍ଷମା ଓ ପ୍ରେମ ରହିଛି। ଗଛ ହାଣି, ପ୍ରକୃତିକୁ ଦୂଷିତ କରି ଆମେ ବାୟୁରୁ ନିଶ୍ୱାସ, ପାଣି ଓ ମାଟିରୁ ଖାଦ୍ୟ ପାଉଛୁ। ପ୍ରକୃତିର ମାଲିକ ଯଦି କୌଣସି ଏକ ପ୍ରଭୁ ବା ଈଶ୍ୱର ବା ଗଡ୍, ତେବେ ସେହି ଗଡଙ୍କ ବାର୍ତ୍ତା ହେଉଛି, ଅନୁଗ୍ରହ, ଦୟା, କ୍ଷମା ଓ ପ୍ରେମ। ଅନୁଗ୍ରହ ଦରକାର, ଯେହେତୁ ଆମେ ଯାହା କ୍ଷତି କରିସାରିଛୁ ତାହା ଅପୂରଣୀୟ ଯାହା ପାଇଁ ଆମେ ଦଣ୍ଡର ଯୋଗ୍ୟ। ଯୀଶୁଙ୍କ ସାର ବାର୍ତ୍ତା ହେଉଛି, ଅନୁଗ୍ରହ, ଦୟା, କ୍ଷମା ଓ ପ୍ରେମ। ବିଶ୍ୱ ପ୍ରତୁର୍ଯ୍ୟୟରେ ଭରପୁର, କିନ୍ତୁ କ୍ଷୁଧା, ତୃଷା ଓ ଅଭାବରେ ଶିଶୁ, ଯୁବା, ବୃଦ୍ଧ ସବୁ ଦେଶରେ ଜର୍ଜରିତ। ଯୀଶୁଙ୍କ ବାଣୀ ଓ ପ୍ରକୃତିର ବାଣୀ ଭିନ୍ନ ନୁହେଁ, ତାହା ଏକ ଏବଂ ତାହା ଶାନ୍ତ ବାଣୀ। ଆଜିର ସମୟରେ କାହିଁକି, ଯୁଗ ଯୁଗ ପାଇଁ ଯୀଶୁଙ୍କ ବାଣୀ ପ୍ରାସଙ୍ଗିକ। ଅନୁଗ୍ରହ, ଦୟା, କ୍ଷମା ଓ ପ୍ରେମ କୌଣସି ଦେଶ, ବର୍ଣ୍ଣ, ସଂସ୍କୃତି ଓ ଦଳ ପାଇଁ ଅପ୍ରାଶଙ୍ଗିକ ହୋଇ ପାରିବ ନୁହେଁ। ଅନୁଗ୍ରହ, ଦୟା, କ୍ଷମା ଓ ପ୍ରେମ ନ ଥାଇ ନିଜକୁ ଯୀଶୁଙ୍କ ଲୋକ, ଧାର୍ମିକ ସମାଜ, ଗୋଷ୍ଠୀ, ଜାତି, ବର୍ଣ୍ଣ, ଦେଶ, କହିପାରିବା ନାହିଁ।

ଆଇନଜୀବି ଓ ସମାଜସେବୀ,
ବଡ଼ପଡ଼ା, ଭବାନୀପାଟଣା,
ଫୋନ୍ ୯୪୩୭୧୦୪୩୦୩

# ଦେଶରେ ଅପମିଶ୍ରିତ ଦୁଗ୍ଧକାରବାର ବଢୁଛି



ଗୋପାଳ ମହାପାତ୍ର

ଦୁଗ୍ଧ ବା କ୍ଷୀରକୁ ଅମୃତ ବୋଲି କୁହାଯାଏ । କିନ୍ତୁ ଏହା ଅମୃତ ନା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସେ କଥା ନେଇ ଏବେ ଆଶଙ୍କା ଉପୁଜିଲାଣି । ଆଶଙ୍କାର କାରଣ ମଧ୍ୟ ରହିଛି । ଆମ ଦେଶ ଦୁଗ୍ଧ ଉତ୍ପାଦନ ଏବଂ ଲୋକଙ୍କ ଆବଶ୍ୟକତା ମାମଲାରେ ପ୍ରଥମ ସ୍ଥାନରେ ରହିଛି । ଦେଶରେ ପ୍ରତିଦିନ ୧୪.୬୮କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବାବେଳେ ଆମ ଦେଶରେ ଲୋକେ ବ୍ୟବହାର କରୁଛନ୍ତି ୬୪କୋଟି ଲିଟର । ଉତ୍ପାଦନ ଏବଂ ଲୋକଙ୍କ ଆବଶ୍ୟକତା ମଧ୍ୟରେ ରହିଛି ପାଖାପାଖି ୫୦ କୋଟି ଲିଟର ର ଫରକ । ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଦେଶରେ ଲୋକଙ୍କର ନୈନ୍ଦିନର ଆବଶ୍ୟକତାକୁ ପୂରଣ କରିବା ପାଇଁ ୫୦ କୋଟି ଲିଟର ଦୁଗ୍ଧ ଆସୁଛି କେଉଁଠୁ ?ଦୁଗ୍ଧ ପାଉଡର ର ମଧ୍ୟ ଏଥିରେ ଯୋଗଦାନ ରହିଛି କିନ୍ତୁ ୫୦ କୋଟି ଲିଟର ଦୁଗ୍ଧ ତ ପାଉଡର ରୁ ମିଳିପାରୁନଥିବ । ଏଣୁ ଏକଥା ସ୍ପଷ୍ଟ ଯେ ଅଧିକ ମାତ୍ରାରେ ଅପମିଶ୍ରିତ ଦୁଗ୍ଧ ବଜାରକୁ ଆସୁଛି ଓ ଲୋକେ ତାକୁ ଅମୃତ ଭାବି ବ୍ୟବହାର କରୁଛନ୍ତି । ଏକ ରିପୋର୍ଟ ଅନୁସାରେ ୟୁରିୟା ସାର ,ଡିଟରଜେଣ୍ଟ ପାଉଡର,ଆମୋନିୟମସଲଫେଟ,କଷ୍ଟିକ ସୋଡା,ଫର୍ମାଲିନ ଭଳି ବିପଦଜନକ ରାସାୟନିକର ମିଶ୍ରଣରେ ଦୁଗ୍ଧ ପ୍ରସ୍ତୁତ କରାଯାଉଛି ଓ ଏହାକୁ ବଜାରକୁ ଛଡାଯାଉଛି। ଏହାର ଉପଯୋଗରୁ ଅନେକ ବେମାରି ଉତ୍ପନ୍ନ ହେଉଛି । ଏକଥା ଯେ ସରକାର ଜାଣିନାହାନ୍ତି ସେକଥା କୁହାଯାଇପାରିବ ନାହିଁ କାରଣ ସରକାରଙ୍କ ପାଖରେ ଉତ୍ପାଦନ ଓ ଆବଶ୍ୟକତା ସମ୍ପର୍କିତ ସମସ୍ତ ତଥ୍ୟ ରହିଛି ନିଶ୍ଚୟ । ଏ ବାବଦରେ ସରକାରୀ ପଦକ୍ଷେପ ନିଆ ଯାଉନଥିବା କାରଣରୁ ଅପମିଶ୍ରିତ ଦୁଗ୍ଧରଧନ୍ଦା ବଢିବାରେ ଲାଗିଛି । ଏଥିପାଇଁ ପଶୁପାଳନ କରୁଥିବା ଲୋକଙ୍କର କ୍ଷତି ହେବା ସାଙ୍ଗକୁ ଅପମିଶ୍ରିତ ଦୁଗ୍ଧକୁ ବ୍ୟବହାର କରୁଥିବା ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି । ସରକାରୀ ତଥ୍ୟ ଅନୁସାରେ ଆମ ଦେଶରେ ୧୪.୬୮କୋଟି ଲିଟର ଦୁଗ୍ଧ ପ୍ରତିଦିନ ଉତ୍ପାଦିତ ହୋଇଥାଏ ଏହି ଉତ୍ପାଦିତ ଦୁଗ୍ଧ ମଧ୍ୟରୁ ୫୧ ପ୍ରତିଶତ ମଇଁଷି ଦୁଗ୍ଧ, ୨୫ ପ୍ରତିଶତ ହାଇବ୍ରିଡ ବା ବିଦେଶୀ ପ୍ରଜାତି ମିଶ୍ରିତ ଗାଈଙ୍କ ଦୁଗ୍ଧ, ୨୦ ପ୍ରତିଶତ ଦେଶୀ ଗାଈଙ୍କ ଦୁଗ୍ଧ ଏବଂ ବାକି ୪ ପ୍ରତିଶତ ଦୁଗ୍ଧ ଓଟ ଓ ଛେଳି ଦୁଗ୍ଧ ଅଟେ । ବିଂଶ ଶତାବ୍ଦୀର ଶେଷ ୩ ଦଶକକୁ ଶ୍ୱ ?ତ କ୍ରାନ୍ତିର ସଫଳତାର ସମୟ ବୋଲି କୁହାଯାଏ । ଏହି ଶ୍ୱ ?ତକ୍ରାନ୍ତି ପାଇଁ ବିଶ୍ୱବ୍ୟାଙ୍କ ସହାୟତା ଯୋଗାଇ ଦେଇଥିଲା । ଫଳତଃ ଅନେକ ସମବାୟ ସଂସ୍ଥା,ଦୁଗ୍ଧ ଉତ୍ପାଦକ ଘରୋଇ ସଂସ୍ଥା ଏପରିକି ପଶୁପାଳନ କରୁଥିବା ଲୋକେ ଉତ୍ସାହିତ ହୋଇଥିଲେ ଓ ପଶୁପାଳନ ଯୋଗୁଁ ଦୁଗ୍ଧ ଉତ୍ପାଦନ କରି ଲାଭବାନ ହୋଇଥିଲେ । ଶ୍ୱ ?ତକ୍ରାନ୍ତି କାରଣରୁ ଦେଶରେ ଏତେ ପରିମାଣର ଦୁଗ୍ଧ ଉତ୍ପାଦନ ହୋଇପାରିଛି । ବିଭିନ୍ନ ପଶୁଙ୍କ ଦୁଗ୍ଧକୁ ମିଶାଇ ଏକ ସମାନ କରିବା ଏହା ନଷ୍ଟ(ଛିଣ୍ଡି) ନହେବା ପାଇଁ ଅନେକ ବ୍ୟବସ୍ଥା ଦେଶରେ କରାଯାଇଛି ଏପରିକି ଶୀତଳିକରଣ ବ୍ୟବସ୍ଥା ମଧ୍ୟ କରାଯାଇଛି ।ଅପମିଶ୍ରିତ ଦୁଗ୍ଧର ରହସ୍ୟ ମଧ୍ୟ ଏସବୁ ମଧ୍ୟରେ ଛପି ରହିଛି । ଆମ ଦେଶ ଭାରତ ଦୁଗ୍ଧ ଉତ୍ପାଦନରେ ବିଶ୍ୱରେ ଏକ ନମ୍ବରରେ ଥିବା ବେଳେ ଅପମିଶ୍ରିତ ଦୁଗ୍ଧ ମାମଲାରେ ମଧ୍ୟ ଏକ ନମ୍ବର । ଏକବିଂଶ ଶତାବ୍ଦୀରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଘରୋଇ କ୍ଷେତ୍ରର ଭାଗୀଦାରୀ ବଢିଥିଲା ଓ ଅନେକ ଡାଏରୀ ଫାର୍ମ ଗଢି ଉଠିଥିଲା । ଦେଶୀ ପ୍ରଜାତିର ଗାଈ (ପଶୁ) ମାନେ ଦେଉଥିବା ଦୁଗ୍ଧରଗୁଣବତ୍ତାସ୍ୱାସ୍ଥ୍ୟ ପାଇଁ ଉତ୍ତମ ବୋଲି ବୈଜ୍ଞାନିକ ଅନୁସନ୍ଧାନରୁ ଜଣା ପଡିଛି । ଏହି ଦୁଗ୍ଧକୁ ଏ-ଟୁ ଦୁଗ୍ଧ ବୋଲି କୁହାଯାଏ । ନ୍ୟୁଜିଲ୍ୟାଣ୍ଡ ହେଉଛି କୃଷି ଆଧାରିତ ୪୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଦେଶ । କିନ୍ତୁ ଏଠାରେ ଲୋକେ ଅନ୍ୟ ଦେଶମାନଙ୍କ ଅପେକ୍ଷା ଅଧିକ ଦୁଗ୍ଧ ବ୍ୟବହାର କରିଥାନ୍ତି ।ନ୍ୟୁଜିଲ୍ୟାଣ୍ଡର ବୈଜ୍ଞାନିକ କିଥବୁଡଫୋର୍ଡ'ଡେଭିଲଇନ ଦ ମିଲକ' ନାମକ ଏକ ପୁସ୍ତକ ୨୦୦୭ରେ ଲେଖିଥିଲେ । ସେଥିରେ ସେ ଲେଖିଛନ୍ତି ଯେ ଦୁଗ୍ଧରେ ଥିବା ପାଚକ ପ୍ରୋଟିନ ବିଟା-କେସୋ-ମାରାଫିନ-୭ ହେଉଛି 'ଦୁଗ୍ଧର ଦାନବ'ଏଥିଯୋଗୁଁ ଡାଇବେଟିସ୍,ହୃଦରୋଗ ଭଳି ରୋଗ ହୋଇଥାଏ । ଗବେଷଣାରୁ ଜଣାପଡିଛି ଯେ ଏଭଳି ଦୁଗ୍ଧ ପାନ କରୁଥିବା ପିଲାମାନେ ଡାଇବେଟିସ୍ ବା ମଧୁମେହ ରୋଗର ଶିକାର ହୋଇଥାନ୍ତି । କିନ୍ତୁ କେନ୍ୟାଭଳି ଦେଶରେ ଏଭଳି ସମସ୍ୟା ଦେଖାଯାଏ ନାହିଁ। ଏଭଳି ସମସ୍ୟାଜେନେଟିକ ପରିବର୍ତ୍ତନ କାରଣରୁ ହୋଇଥାଏ । ଦେଶୀ ପଶୁମାନଙ୍କ ଠାରୁ ମିଳୁଥିବା ଦୁଗ୍ଧରେ ଏଭଳି ଦୋଷ ନଥାଏ । ଦେଶୀ ପଶୁମାନଙ୍କ ଠାରୁ ମିଳୁଥିବା ଦୁଗ୍ଧକୁ ପରୀକ୍ଷା କରି ବୈଜ୍ଞାନିକମାନେ ସ୍ପଷ୍ଟ କରିଦେଇଛନ୍ତି ଯେ ଦେଶୀ ପଶୁମାନଙ୍କ ଦୁଗ୍ଧ ଦୋଷମୁକ୍ତ ଓ ଏହାର ଗୁଣବତ୍ତା ଅଧିକ । କେନ୍ଦ୍ର ସରକାର ଗୋକୁଳ ମିଶନ ଆରମ୍ଭ କରିଛନ୍ତି । ଏଥିଯୋଗୁଁ ଦେଶରେ ଦୁଗ୍ଧ ଉତ୍ପାଦନ ଆହୁରି ବଢିବ । ଦେଶରେ ଦୁଗ୍ଧ ଉତ୍ପାଦନ ଏବଂ ଲୋକଙ୍କ ବ୍ୟବହାର କରାଯାଉଥିବା ଦୁଗ୍ଧରୁ ଅନେକ କଥା ଜଣାପଡୁଛି । ଡାଏରୀ ଉଦ୍‌ଯୋଗର ବିକାଶ ସମ୍ଭାବନା ଉପରେ ଅଧ୍ୟୟନ କରି ଏସୋଚେମ ଏକ ରିପୋର୍ଟ ପ୍ରକାଶ କରିଛି । ଏସୋଚେମ ପକ୍ଷରୁ କୁହାଯାଇଛି ଯେ ଭାରତରେ ପ୍ରତିଦିନ ୧୪.୬୮ କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଥିଲେ ମଧ୍ୟ ଦେଶରେ ବ୍ୟକ୍ତି ପ୍ରତି ଦୁଗ୍ଧର ଉପଲବ୍ଧତା ନୈନ୍ଦିନ ୨୫୨ ଗ୍ରାମ । ନ୍ୟୁଜିଲ୍ୟାଣ୍ଡ,ଆୟାର୍ଲାଣ୍ଡ ଓ ଡେନମାର୍କ ଭଳି ଦେଶରେ ବ୍ୟକ୍ତିପ୍ରତିଦୁଗ୍ଧର ଉପଲବ୍ଧତା ବହୁ ଅଧିକ । ଦେଶରେ ପଶୁପାଳନକୁ ଗୁରୁତ୍ୱ ଦିଆଯାଉଥିବା କାରଣରୁ ଲୋକଙ୍କ ଆର୍ଥିକ ଅବସ୍ଥା ବଦଳିବ । କିନ୍ତୁ ପଶୁପାଳନ କରି ଦୁଗ୍ଧ ଉତ୍ପାଦନ କରୁଥିବା ବ୍ୟକ୍ତି କମ୍‌ଦୁଗ୍ଧ ଉପଯୋଗ କରିଥାନ୍ତି । ସରକାର ଅପମିଶ୍ରିତ ଦୁଗ୍ଧ ବ୍ୟବସାୟକୁ ରୋକିବାର ଉଦ୍ୟମ କରୁଛନ୍ତି । ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଦୁଗ୍ଧର ପରୀକ୍ଷା ପାଇଁ ଇଲେକ୍‌ଟ୍ରୋନିକ କୀଟ୍ର ବ୍ୟବହାର କରୁଛି । କିନ୍ତୁ ଏହା ସତ୍ୱ ? ଅପମିଶ୍ରିତ ଦୁଗ୍ଧ କାରବାର ମଧ୍ୟ ବଢିବାରେ ଲାଗିଛି । ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ କିନ୍ତୁ ଚମକାଇ ଦେବା ଭଳି । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତରେ ଲୋକେ ବ୍ୟବହାର କରୁଥିବା ଅପମିଶ୍ରିତ ଦୁଗ୍ଧ କାରଣରୁ ଆସନ୍ତା ୫ବର୍ଷ ମଧ୍ୟରେ ଦେଶର ୮୭ ପ୍ରତିଶତ ପାଖାପାଖି ଲୋକ କ୍ୟାନସର ଭଳି ରୋଗର ଶିକାର ହେବେ । ଭାରତ ସରକାରଙ୍କୁ ପରାମର୍ଶ ଦେଇ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏହାକୁ ରୋକିବା ପାଇଁ କୁହାଯାଇଛି । ସରକାର ଯେତେ ପ୍ରୋତ୍ସାହନ ଦେଲେ ମଧ୍ୟ ପଶୁପାଳକ ଅଧିକ ଲାଭବାନ ହୋଇପାରୁନାହାନ୍ତି । ଏଣୁ ଦୁଗ୍ଧର ଦାମ ବୃଦ୍ଧି ପାଇଁ ଦାବି ହେଉଛି । ମହାରାଷ୍ଟ୍ର , ଓଡିଶା ସମେତ ଦେଶରେ ପଶୁପାଳନକୁ ଗୁରୁତ୍ୱ ଦିଆଯାଉଥିବା ରାଜ୍ୟମାନଙ୍କରେ ପଶୁପାଳନକୁ ବ୍ୟବସାୟରେ ପରିଣତ କରୁଥିବା ଲୋକଙ୍କ ଅବସ୍ଥା ଏତେ ଭଲ ମଧ୍ୟ ନୁହେଁ । ଏସବୁକୁ ତର୍ଜମା କରି କେନ୍ଦ୍ର ଓ ରାଜ୍ୟ ସରକାରମାନେ ପଦକ୍ଷେପ ନେବା ଉଚିତ । ସର୍ବୋପରି ଅପମିଶ୍ରିତ ଦୁଗ୍ଧ କାରବାରକୁ ରୋକିବା ଦିଗରେ କଠୋର ପଦକ୍ଷେପ ମଧ୍ୟ ନିଆଯିବା ଉଚିତ୍ ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# କାଶ୍ମୀରି କର୍କଟର ଅନ୍ତ



ଭାସ୍କର ବାରିକ୍

ଗୋଟିଏ ଦେଶରେ ଦୁଇଟି ଜାତୀୟ ପତାକା , ଦୁଇଟି ସମ୍ବିଧାନ, ଦୁଇଜଣ ବାସ୍ତବ ଶାସନ ମୁଖିଆ ଯୁଗର ଶେଷ । ୩୭୦ ଧାରାର ପଡ଼ିଛି ଯବନିକା । ଅଗଷ୍ଟ ୬ ତାରିଖ ୨୦୧୯ ରେ ଭାରତୀୟ ସଂସଦର ନିଷ୍ପତ୍ତି ଉପରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଲଗାଇଛନ୍ତି 'ହଁ' ର ମୋହର । ସଂସଦର ନିଷ୍ପତ୍ତି ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିଲା ଗଣ୍ଡା ଗଣ୍ଡା ଆବେଦନ, ବୋଧହୁଏ ମୋଟ ୨୩ ଟି ଆବେଦନ । ସବୁ ଅଭିଯୋଗ , ଆବେଦନର ଶୁଣାଣୀ ଓ ତର୍ଜମା କରି ସର୍ବୋଚ୍ଚ ନ୍ୟାୟାଳୟ ଡିସେମ୍ବର ମାସ ୧୧ ତାରିଖ ୨୦୨୩ ରେ ଶୁଣାଇଛନ୍ତି ଐତିହାସିକ ରାୟ । ଗୋଟିଏ କଥା ମନକୁ ଆସୁଛି, ଭାରତର ଏକତା ପାଇଁ ଗଣତନ୍ତ୍ରର ମନ୍ଦିର ଯେଉଁ ନିଷ୍ପତ୍ତି ନେଇଥିଲେ, ସେହି ନିଷ୍ପତ୍ତି ବିରୋଧରେ ଯେଉଁମାନେ ନ୍ୟାୟାଳୟର ଆଶ୍ରୟ ନେଇଥିଲେ , ସେମାନଙ୍କର ଅସଲ ଉଦ୍ଦେଶ୍ୟ କ'ଣ ? ଭାରତର ଭୂସ୍ୱର୍ଗ କୁହାଯାଉଥିବା କାଶ୍ମୀରକୁ ଭାରତ ସରକାରଙ୍କ ପକ୍ଷରୁ ଏମିତି ସ୍ୱତନ୍ତ୍ରତା ସବୁବେଳେ ନେଇ ନିଜର ସ୍ୱାର୍ଥ ଓ ରାଜନୀତିର ରୁଟି ସେକିବା ନା ଆଉ କ'ଣ ? ଧର୍ମ ଆଳରେ କାଶ୍ମୀର ଯୁବ ଗୋଷ୍ଠୀଙ୍କୁ ଟେକାପଥର ମାଡ କରିବା ଶିଖେଇ ନିଜ ପିଲାଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଭାରତର କୌଣସି ମେଟ୍ରୋପଲିଟାନ ସହର କିମ୍ବା ବିଦେଶର ବଡ଼ ଦାମୀ ଶିକ୍ଷାନୁଷ୍ଠାନରେ ପାଠ ପଢେଇ ନିଶ୍ଚିତ ରହିବା ଓ ଜାମୁ କାଶ୍ମୀର ରାଜନୀତିର ପଡ଼ିଆରେ ନିଜର ପତିଆରା ଦେଖେଇ ଚାଲିବା ? ଧର୍ମର ଅଫିମ ଓ କ୍ଷମତାର ନିଶା ଅତ୍ୟନ୍ତ ମାରାତ୍ମକ । ଯେଉଁମାନେ,' ଗଢ ରକ୍ଷକ୍ଷଛରଭ ଞଙ୍କକ୍ଷ-ଭଙ୍କକ୍ଷରଭମର ସଭ କବସ୍ପଷଙ୍କସକ୍ସ' ବହିଟି ପଢିଥିବେ ଯାହା ଭାରତର ଜଣେ ସୁଯୋଗ୍ୟ ସନ୍ତାନ ଯଗମୋହନ ମାଲହୋତ୍ରାଙ୍କ ଦ୍ୱାରା ଲିଖିତ, ସେମାନେ କାଶ୍ମୀର ସମସ୍ୟା ବାବଦରେ ଅନେକ ଅକୁହା କଥା ଜାଣିଥିବେ । ଜଣେ ପ୍ରତିଷ୍ଠିତ ଜଣାଶୁଣା ସିଭିଲ୍ ସରଭେଣ୍ଟ, ଜଣେ ସାଂସଦ, କେନ୍ଦ୍ର ମନ୍ତ୍ରୀ ,ଲେଖକ ଯେ ଅପ୍ରିଲ୍ ୨୬, ୧୯୮୪ ରେ ଜାମୁ କାଶ୍ମୀର ରାଜ୍ୟର ରାଜ୍ୟପାଳ ଭାବରେ ନିଯୁକ୍ତି ପାଇଥିଲେ ଓ ପରେ ଦ୍ୱିତୀୟ ଥର ପାଇଁ ଜାନୁଆରୀ ୧୯ ,୧୯୯୦ ରେ ପୁନଶ୍ଚ ସେହି ରାଜ୍ୟରେ ରାଜ୍ୟପାଳ ଭାବରେ କାମ କରିଥିଲେ । ଏହି ବହିଟିରେ ଅନେକ ନିଷ୍ଠୁର ସତ୍ୟକୁ ଲେଖକ ଅବତାରଣା କରିଛନ୍ତି ଯାହା ଲୋମ ଟାଙ୍କୁରା ।କାଶ୍ମୀରକୁ ନେଇ ଆଉ ଗୋଟିଏ ବହି ବିଷୟରେ ପାଠକ ମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏ ଅଧମ ଇଛା ପ୍ରକାଶ କରୁଛି ଏଇଠି ଯେଉଁ ବହିଟି ଜଣେ କାଶ୍ମୀର ପଣ୍ଡିତଙ୍କ ଦ୍ୱାରା ଲିଖିତ । ଲେଖକଙ୍କ ନାମ ହେଉଛି ରାହୁଲ୍ ପଣ୍ଡିତ ଆଉ ବହିଟିର ନାମ ହେଉଛି, 'ଡଙ୍କକ୍ସ ଗକ୍ଟକ୍ଟଭ ଐବସ୍ପ ଇକ୍ଷକ୍ଟକ୍ଟୟ ଉକ୍ଷକ୍ଟସ୍ପସ୍ପ,' ଏହି ବହିଟିରେ ଲେଖକ ମହାଶୟଙ୍କର ଲେଖା ଅତ୍ୟନ୍ତ ମର୍ମସ୍ପର୍ଶୀ କାଶ୍ମୀର ମାଟିରେ ଚାଲୁଥିବା ନିଆଁ, ଧୂଆଁ, ପ୍ରତାରଣା ଓ ଅକୁହା ସତ୍ୟକୁ ନେଇ । ସ୍ୱାଧୀନତା ପ୍ରାପ୍ତି ପରେ ଭାରତରେ ୫୬୫ ଟି ରାଜା ରାଜୁଡା ଶାସିତ ରାଜ୍ୟ ଥିଲେ । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱରେ ପ୍ରାୟ ସବୁ ମିଶି ଯାଇଥିଲେ ଭାରତ ସହିତ । ମୁସଲମାନ ବହୁଳ ରାଜ୍ୟର ଶାସକ ବୃଦ୍ଧ ହିନ୍ଦୁ ରାଜା ହରି ସିଂ ଶାସନରେ ଥିଲେ ଜାମୁ କାଶ୍ମୀର ରେ । ଭାରତ ସହିତ ନମିଶି ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ବଜାୟ ରଖିଥିଲେ । କିନ୍ତୁ ଅକ୍ଟୋବର ୨୪,୧୯୪୭ ରେ ପାକିସ୍ତାନର ରାତି ଅଧିଆ ଅତର୍କିତ ଆକ୍ରମଣର ଶିକାର ହେବା ପରେ ମିଶି ଯାଇଥିଲେ ଭାରତ ସହିତ ଅକ୍ଟୋବର ୨୬, ୧୯୪୭ ରେ ଯାହାକୁ କୁହାଯାଉଛି ଓଭସ୍ପସ୍ପକ୍ଷଙ୍କଙ୍କରଭସ୍ପ କ୍ଟଲ ଇମ-ମରସ୍ପସ୍ପସକ୍ଟଭ । ପ୍ରତିରକ୍ଷା,ବିଦେଶ ନିତି ଓ ଯୋଗାଯୋଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଚୁଡାନ୍ତ ବୋଲି ମାନି ନେଇଛନ୍ତି । କେନ୍ଦ୍ର ସରକାର ୟୁନିୟନ ଲିଷ୍ଟ ଓ କନକରେଣ୍ଟ ଲିଷ୍ଟ ଉପରେ ବି ଆଇନ୍ ତିଆରି କରିପାରିବେ ଓ ନିଷ୍ପତ୍ତି ନେଇପାରିବେ ବୋଲି ମାନି ନେଇଛନ୍ତି । କିନ୍ତୁ ଏଇଠି ରହିଗଲା କେଁ । ଓଭସ୍ପସ୍ପକ୍ଷଙ୍କଙ୍କରଭସ୍ପ କ୍ଟଲ ଇମମରସ୍ପସ୍ପସକ୍ଟଭ ଅନୁସାରେ ଭାରତ ସରକାରଙ୍କ ଦ୍ୱାରା ୟୁନିୟନ ଲିଷ୍ଟ ଓ କନକରେଣ୍ଟ ଲିଷ୍ଟ ଉପରେ ଯେଉଁ ନିଷ୍ପତ୍ତି ନିଆଯିବ , ତାହା ଜାମୁ କାଶ୍ମୀରିର ବିଧାନ ଅନୁମୋଦନ କରିବା ଦରକାର । ଏଇଠି ରହିଗଲା ପ୍ରକୃତ ଅସୁବିଧା । ସେ ଯାହାହେଉ ଓଭସ୍ପସ୍ପକ୍ଷଙ୍କଙ୍କରଭସ୍ପ କ୍ଟଲ ଇମମରସ୍ପସ୍ପସକ୍ଟଭ ପରେ କାଶ୍ମୀରିକୁ ନେଇ ଭାରତ ଓ ପାକିସ୍ତାନ ଭିତରେ ଆରମ୍ଭ ହୋଇଥିଲା ଯୁଦ୍ଧ ଠିକ୍ ସ୍ୱାଧୀନତା ପରେ ପରେ । ଯୁଦ୍ଧର ଅବସାନ ଘଟିଲା ସତ, କିନ୍ତୁ ଜାମୁ କାଶ୍ମୀରିର କିଛି ଭାଗ ପାକିସ୍ତାନ କବଳରେ ରହିଗଲା ଯାହାକୁ ପାକିସ୍ତାନ ଅଧିକୃତ ଅଂଚଳ ବୋଲି କୁହା ଯାଉଛି ।ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ସେତେବେଳର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଜାତିସଂଘର ସହାୟତା ଲୋଡ଼ିଥିଲେ । କିନ୍ତୁ ସମସ୍ୟାର ସମାଧାନ ହେବା ବଦଳରେ ଛୋଟ ଘାଆଟି ବଢ଼ି ବଢ଼ି ମାରାତ୍ମକ କର୍କଟ ରୋଗରେ ପରିଣତ ହୋଇଥିଲା । କାଶ୍ମୀରିକୁ ଖୁସି କରିବା ପାଇଁ ଦିଆଯାଇଥିଲା ସ୍ୱତନ୍ତ୍ର ୩୭୦ ଧାରାର ଅଧିକାର । ନେହେରୁ ବନ୍ଧୁ ଶେଖ୍ ଅବଦୁଲ୍ଲା ଖାଁ ଙ୍କ ଉପରେ ଭରସା ରଖିଥିଲେ । କିନ୍ତୁ ଏଣ୍ଡୁଅ ଭଳି ରଙ୍ଗ ବଦଳେଇଥିଲେ ଖାଁ ସାହେବ । କାଶ୍ମୀର ପ୍ରସଂଗକୁ ନେଇ ଭାରତ ଓ ପାକିସ୍ତାନ ଭିତରେ ଲଢେଇ ପରେ ଲଢେଇ । ସନ୍ତ୍ରାସବାଦ ଓ ଉଗ୍ରବାଦର ଉଲଗ୍ନ ନୃତ୍ୟ କାଶ୍ମୀର ମାଟିରେ ପାକିସ୍ତାନ ସମର୍ଥନରେ । ଦିଆ ଯାଇଛି ଆନ୍ତର୍ଜାତୀୟ ରଙ୍ଗ ।ଏହି ଧାରାର ଉଚ୍ଛେଦ ପାଇଁ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଭଳି ଅନେକ ରାଷ୍ଟ୍ରବାଦୀ ଦେଇଛନ୍ତି ଜୀବନ ବଳିଦାନ। କେତୋଟି ପରିବାର ପରିଚାଳିତ ରାଜନୈତିକ ଦଳର ଖେଳ ଓ ସ୍ୱାର୍ଥ ବଳୀ ପକେଇଛି ଭାରତର ଏକତା ଓ ଅଖଣ୍ଡତାକୁ । ସେବେଠାରୁ ୨୦୧୯ ପର୍ଯ୍ୟନ୍ତ ୩୭୦ ଧାରାର ଉଚ୍ଛେଦ ପାଇଁ ଅନେକ ଆଲୋଚନା ପର୍ଯ୍ୟାଲୋଚନା ଗଣତନ୍ତ୍ରର ମନ୍ଦିର ସଂସଦରେ । କିନ୍ତୁ ବୋଧହୁଏ ପରିସ୍ଥିତି,ରାଜନୈତିକ ଇଚ୍ଛାଶକ୍ତି ଓ ସାହସିକତାର ଅଭାବ ପାଇଁ ଏହି ୩୭୦ ଧାରା ଜାରି ରହିଥିଲା ଓ ଜାମୁ କାଶ୍ମୀର ଭାରତ ଭିତରେ ରହି ଏକ ବିଦେଶ ରାଷ୍ଟ୍ରର ଭ୍ରମ ସୃଷ୍ଟି କରୁଥିଲା । ଯେତେବେଳେ ୩୭୦ ଧାରାର ଉଚ୍ଛେଦ ପାଇଁ ସଂସଦରେ ନିଷ୍ପତ୍ତି ନିଆଗଲା, କେତେ ନେତା କେତେ କଥା କହିଲେ । ୩୭୦ ଧାରା ଉଚ୍ଛେଦ ହେଲେ କାଶ୍ମୀରିରେ ଭାରତର ଜାତୀୟ ପତାକା ଧରିବା ପାଇଁ କେହି ରହିବେନି ବୋଲି ତ କେହି ଜଣେ ପ୍ରତିଷ୍ଠିତ ଜଣାଶୁଣା ନାରୀ ନେତ୍ରୀ ବଡ଼ ପାଟିକରି କହିଥିଲେ । ଏହି ଧାରାର ସମାଧି ପରେ ବି ପରିବାରବାଦର ରାଜନୈତିକ ଦଳ ଚଳଉଥିବା କାଶ୍ମୀରିର କିଛି ଲୋକ ଅସନ୍ତୁଷ୍ଟ । କଶ୍ମୀର ପ୍ରତି ଅନ୍ୟାୟ ହୋଇଛି ବୋଲି ସେମାନଙ୍କର ମତ । କି ଆଶ୍ଚର୍ଯ୍ୟର କଥା ସତରେ !!! ସଂସଦର ନିଷ୍ପତ୍ତିକୁ ମାନିବନି, ସର୍ବୋଚ୍ଚ ନ୍ୟାୟାଳୟର ରାୟକୁ ମାନିବାକୁ ଅରାଜି । ଏସବୁ କେଉଁ ପ୍ରକାରର କୁତ୍ସିତ ମାନସିକତା ? ନିଜର ରାଜନୈତିକ ସ୍ୱାର୍ଥ ଓ ଫାଇଦା ପାଇଁ ମଣିଷ କେତେ ତଳକୁ ଯାଇପାରେ । ବ୍ୟକ୍ତି ବଡ଼ ନା ଦେଶ ବଡ଼ ? ନିଶ୍ଚିତ ଭାବରେ ଦେଶ ଆଗ । କାଶ୍ମୀରିକୁ ନେଇ ଯେତିକି ଦିନ ନିଜର ଜମିଦାରୀ ଜାହିର କରିବା କଥା, ଯଥେଷ୍ଟ ହେଲାଣି । ଆଉ ନୁହଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବରେ କହି ସାରିବା ପରେ, ତଥାପି କାହିଁକି ଅନ୍ଧ ଓ ବଧିର କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ?ମାତ୍ର କେତୋଟି ପରିବାର ଓ ନିଜର ଆଧିପତ୍ୟ ଜାହିର କରିବା ପାଇଁ ସଦା ଚେଷ୍ଟିତ ଓ ସନ୍ତ୍ରାସବାଦକୁ ପ୍ରୋତ୍ସାହନ ଦେଉଥିବା କିଛି ମୌଲବାଦୀଙ୍କୁ ଛାଡିଦେଲେ, କାଶ୍ମୀରିର ପ୍ରାୟ ସବୁ ସାଧାରଣ ଲୋକ ଓ ରାଜନୈତିକ ଦଳ ଧାରା ୩୭୦ ର ଉଚ୍ଛେଦକୁ ସ୍ୱାଗତ କରିଛନ୍ତି ବୋଲି ମନେହୁଏ ।ଗୋଟିଏ ଦେଶ ଭିତରେ ଗୋଟିଏ ରାଜ୍ୟ କେମିତି ସାର୍ବଭୌମ ହୋଇ ରହିବ ? ସମସ୍ୟାର ସମାଧାନ ପରେ ପାକିସ୍ତାନ ବିଚଳିତ । ଔଷଧ ରାଗରେ ତାଟିଆ କାମୁଡିବା ଭଳି ହେଉଛି । ଆରେ ମୂର୍ଖ, ଭାରତ ପାଖରୁ ଅଲଗା ହେବା ପରେ ଯେତିକି ଅଂଚଳ ନେଇଥିଲ,ସେତକ ରଖି ପାରିଲନି । ତୁମର କୁଗୁଣ ପାଇଁ ବାଙ୍ଗଲାଦେଶ ସୃଷ୍ଟି ହେଲା ୧୯୭୧ ରେ । ନବେ ହଜାରରୁ ଅଧିକ ସୈନ୍ୟ ପ୍ରାଣରକ୍ଷା ପାଇଁ ଆତ୍ମ ସମର୍ପଣ କରିଥିଲେ ଭାରତ ପାଖରେ । ଶିମିଳା ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ସେତେବେଳର ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପାକିସ୍ତାନର ଜୁଲ୍ ଫିକର ଅଲ୍ଲୀ ଭୁଟୋଙ୍କ ଭିତରେ ଜୁଲାଇ ମାସ ୩ ତାରିଖ, ୧୯୭୨ ରେ । ତମକୁ କ୍ଷମା ଦେଇଥିଲା ବିଶାଳ ହୃଦୟର ଦେଶ ଭାରତ । ତଥାପି କିଛି ଶିଖୁନ ନିଜର ଭୁଲ୍ ରୁ। ଏବେ ଯେତିକି ଅଛି, ସେହି ଲୋକଙ୍କୁ ଖୁସିରେ ରଖି ପାରୁନ। ସନ୍ତ୍ରାସବାଦୀଙ୍କ ଏନ୍ତୁଡ଼ିଶାଳ ବୋଲି ବିଶ୍ୱରେ ଖ୍ୟାତି ଅର୍ଜନ କରିଛ । ପ୍ରତିଦିନ ବିସ୍ଫୋରଣ, ରକ୍ତପାତ, ଏପରିକି ବିଦ୍ୟାଳୟର କୁନି କୁନି ପିଲା ବି ଏଥିରୁ ମୁକ୍ତ ନୁହଁନ୍ତି । ନିଜ ଦେଶକୁ ଆଗ ସମ୍ଭାଳ । ଭାରତର ଆଭ୍ୟନ୍ତରୀଣ ସମସ୍ୟାରେ କିଛି କହିବାର ନୈତିକତା ତୁମର ନାହିଁ । ଆମ ଦେଶ କଥା ଆମେ ବୁଝୁଛୁ । ଶେଷରେ ଏତିକି କହିବି,ମୂଳୁ ମାରିଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ବା କଳି ନ୍ୟାୟରେ ବର୍ତ୍ତମାନର ସରକାର ଓ ସର୍ବୋଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ଓ ରାୟ କାଶ୍ମୀରିକୁ ନେଇ ସବୁ କଳ୍ପନା ଯନ୍ତ୍ରଣାର ପୂର୍ଣ୍ଣଛେଦ ପକେଇଛନ୍ତି ଯାହା ନିଶ୍ଚିତ ସ୍ୱାଗତଯୋଗ୍ୟ । ଏବେ ଦେଖିବାକୁ ବାକି ରହିଲା ପାକିସ୍ତାନ ଅଧିକୃତ କାଶ୍ମୀର କେବେ ଭାରତ ସହିତ ମିଶୁଛି ଓ ପାକିସ୍ତାନ ଦାନ ସୂତ୍ରରେ ଚାଇନାକୁ ଦେଇଥିବା ଆକାଶି ଚାଇନାର ଭାଗ୍ୟ କ'ଣ ହେଉଛି । ଆପାତତଃ, ବର୍ତ୍ତମାନ ପାଇଁ ବହୁ ବର୍ଷର ମାରାତ୍ମକ କର୍କଟ ରୋଗର ମୃତ୍ୟୁ ପାଇଁ ଉପଯୁକ୍ତ ଔଷଧର ସୁବ୍ୟବସ୍ଥା ସରକାର ଓ ସର୍ବୋଚ୍ଚ ନ୍ୟାୟାଳୟ କରିଛନ୍ତି ।

ବାସୁଦେବପୁର,ଭଦ୍ରକ
ମୋ: ୯୪୩୭୩୨୦୩୫୦

# ଭାରତର ଗାଜା 'ନୀତି ପରିବର୍ତ୍ତନ'



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଗଲା ଅକ୍ଟୋବର ମାସ ୭ତାରିଖ ଦିନ ହମାସ'ର ଆତଙ୍କବାଦୀ ଆକ୍ରମଣ ପରେ ପ୍ରତିଶୋଧାତ୍ମକ ପଦକ୍ଷେପ ସ୍ୱରୁପ ଗାଜା ଉପରେ ଇସ୍ରାଏଲର ବୋମାମାଡର ଦୁଇମାସ ପରେ ବୋମାବର୍ଷଣ ବନ୍ଦ କରିବା ପାଇଁ ଜାତିସଂଘ ସାଧାରଣ ଆସେମ୍ବ୍ଲି (ୟୁଏନଡିଏ)ରେ ଆଗତ ପ୍ରସ୍ତାବ ସପକ୍ଷରେ ଭୋଟ ଦେବା ଭାରତ ଆନ୍ତର୍ଜାତିକ ଆହ୍ୱାନ ସହ ସହମତି ହେବା ଦେଶର ନୀତିଗତ ଆଭିମୁଖ୍ୟ ପରିବର୍ତନ ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଭାରତ ଜାତିସଂଘର ୧୫୨ ସଦସ୍ୟ ସହ ପ୍ରସ୍ତାବ ସପକ୍ଷରେ ଯୁଦ୍ଧ ବନ୍ଦ ଲାଗି ଆହ୍ୱାନ ଦେଇଛି। ମାତ୍ର ୧୦ଟି ରାଷ୍ଟ୍ର ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛନ୍ତି। ଆନ୍ତର୍ଜାତିକ ମାନବିକତା ଆଇନ, ସମସ୍ତ ପଣବନ୍ଦୀଙ୍କୁ ନିସର୍ତ ଖଲାସ ଏବଂ ଜନକଲ୍ୟାଣ ଦୃଷ୍ଟିରୁ ଭାରତ ତା'ର ପୂର୍ବ ଆଭିମୁଖ୍ୟରେ ପରିବର୍ତନ କରିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଅକ୍ଟୋବ ୭ତାରିଖ ଦିନ ଯୁଦ୍ଧ ବନ୍ଦ ଲାଗି ଜାତିସଂଘରେ ଆଗତ ପ୍ରସ୍ତାବ ଉପରେ ଭାରତ ଭୋଟ ଦାନରୁ ବିରତ ରହିଥିଲା। ଏହି ପ୍ରସ୍ତାବରେ ହମାସ'କୁ ନିନ୍ଦା କରିବା ପାଇଁ ଆଗତ କରିବା ସଂଶୋଧିତ ପ୍ରସ୍ତାବ ଅଗ୍ରାହ୍ୟ ହେବା ପରେ ଭାରତ ମତଦାନରୁ ବିରତ ରହିଥିଲା। ଭୋଟଦାନରୁ ବିରତ ରହିବା ନେଇ ଭାରତ ସରକାର ଓ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ପଷ୍ଟୀକରଣରେ କୁହାଯାଇଥିଲା ଯେ, ଆତଙ୍କବାଦ ପ୍ରତି ଶୂନ ସହନଶୀଳତାର ଏହା ହେଉଛି ପ୍ରତିଫଳନ। ଗତ ମଙ୍ଗଳବାର ଦିନ ଯୁଦ୍ଧ ବନ୍ଦ ଲାଗି ଗୃହୀତ ପ୍ରସ୍ତାବରେ ଆତଙ୍କବାଦକୁ ନିନ୍ଦା କରାଯାଇନଥିବା ସତ୍ୱେ ଭାରତ ସପକ୍ଷରେ ମତଦାନ କରିଛି। କାହିଁକି ଏବଂ କେଉଁ ପରିସ୍ଥିତିରେ ଭାରତ ବର୍ତମାନ ସୁଦ୍ଧା କୌଣସି ସ୍ପଷ୍ଟୀକରଣ ଦେଇନାହିଁ। ଗତ ଦୁଇମାସ ମଧ୍ୟରେ ୯୦ଜଣ ସାମ୍ବାଦିକଙ୍କ ସମେତ ୧୮,୦୦୦ରୁ ଉର୍ଦ୍ଧ୍ୱ ନିରୀହ ଗାଜାବାସୀଙ୍କ ମୃତ୍ୟୁ ଘଟିଥିବାବେଳେ ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ଜନସାଧାରଣ ବାସହରା ହୋଇପଡିଛନ୍ତି। ଏପରିକି ମଧ୍ୟ ଇସ୍ରାଏଲର ସବୁଠାରୁ ବଡ ସହଯୋଗୀ ଆମେରିକାର ଆକଳନ ଅନୁସାରେ ଇସ୍ରାଏଲର ସବୁଠାରୁ ବଡ ସହଯୋଗୀ ଆମେରିକାର ଆକଳନ ଅନୁସାରେ ଇସ୍ରାଏଲ ମୁତୟନ କରିଥିବା ୨୯,୦୦୦ ସାମରିକ ଅସ୍ତ୍ରଶସ୍ତ୍ରରୁ ଅର୍ଦ୍ଧେକ ଲକ୍ଷ୍ୟହୀନ ଭାବରେ ଜନବସତି ଉପରେ ମାଡ ହୋଇଛି। ଆହୁରି ମଧ୍ୟ ଇସ୍ରାଏଲ ସେନା ହମାସ ଆତଙ୍କବାଦୀଙ୍କୁ ନିପାତ କରିବା ଏବଂ ପରବନ୍ଦୀମାନଙ୍କୁ ଖଲାସ କରିବା ପରିବର୍ତେ ପାଲେଷ୍ଟାଇନର ଭୂଖଣ୍ଡ ଅଧିକାର କରିବାରେ ବ୍ୟସ୍ତ ରହିଛି। ଏବେ ବି ଶତାଧିକ ଇସ୍ରାଏଲ ପରବନ୍ଦୀ ହମାସ'ର ହେପାଜତରେ ଅଛନ୍ତି। ଏହା ନିସନ୍ଦେହ ଯେ, ଇସ୍ରାଏଲ ବିରୁଦ୍ଧରେ ଭାରତରେ ଜନମତ ଦିନକୁ ଦିନ ବଢ଼ିବାରେ ଲାଗିଛି। କେବଳ ଭାରତ ନୁହେଁ, ବିଶ୍ୱର ୧୫୨ଟି ରାଷ୍ଟ୍ରରେ ଇସ୍ରାଏଲ ବିରୋଧି ମନୋଭାବ ଉଗ୍ର ହେବାରେ ଲାଗିଛି। ବିଶ୍ୱରେ ଶାନ୍ତି, ସ୍ଥିରତା ଓ ସହାବସ୍ଥାନ ଭାରତର ମୂଳମନ୍ତ୍ର ହୋଇଥିବାରୁ ଶେଷରେ ପୂର୍ବ ଆଭିମୁଖ୍ୟରେ ପରିବର୍ତନ କରିବାକୁ ବାଧ୍ୟ ହୋଇଥିବା କୁହାଯାଇପାରେ। ଏଥିରେ କୌଣସି ସନ୍ଦେହ ନାହିଁ ଯେ, ବିଶ୍ୱ ଜନମତକୁ ବେଖାତିର କରି ଇସ୍ରାଏଲ ଆକ୍ରମଣକୁ ତେଜିୟାନ କରିଥିବାବେଳେ ଏହାର ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ହମାସ'କୁ ସମ୍ପୂର୍ଣ୍ଣ ନିପାତ ନକରିବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ନକରିବାକୁ ଘୋଷଣା କରିଛନ୍ତି। ଗାଜାରେ ହଜାର ହଜାର ନିରୀହ ଶିଶୁ ଓ ମହିଳାଙ୍କୁ ହତ୍ୟା ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଥିଲେ ମଧ୍ୟ ଇସ୍ରାଏଲ ଉପରେ ଏହାର କୌଣସି ପ୍ରଭାବ ପଡିନଥିବା ନେତାନ୍ୟାହୁଙ୍କ ଘୋଷଣା ସ୍ପଷ୍ଟ ସଂକେତ ପ୍ରଦାନ କରିଛି ବୋଲି କୁହାଯାଇପାରେ। ଅନ୍ୟପକ୍ଷରେ ହମାସ'ର ଦୁର୍ବଳ ହେବା ପରିବର୍ତେ କ୍ରମଶଃ ସବଳ ହେବାରେ ଲାଗିଛି। ପାଲେଷ୍ଟାଇନରେ ହମାସ' ପ୍ରତି ସମର୍ଥନ ବୃଦ୍ଧି ପାଉଥିବାବେଳେ ବହୁ ରାଷ୍ଟ୍ର ମଧ୍ୟ ଖୋଲାଖୋଲି ଭାବେ ସମର୍ଥନ ଘୋଷଣା କରିଛନ୍ତି। ଇସ୍ରାଏଲର ଘନିଷ୍ଠ ବନ୍ଧୁ ଭାବେ ପରିଚିତ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜୋ. ବାଇଡେନ ମଧ୍ୟ ନିଜର କଠୋର ଆଭିମୁଖ୍ୟକୁ କୋହଳ କରିବା ପାଇଁ ପ୍ରଧାନମନ୍ତ୍ରୀ ନେତା ନ୍ୟାହୁଙ୍କୁ ପରାମର୍ଶ ଦେବା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ଏହା ନିଶ୍ଚିତ ଯେ, ଯୁଦ୍ଧ ହମାସ'କୁ ଦୁର୍ବଳ କରିବା ପରିବର୍ତେ ଶକ୍ତିଶାଳୀ କରିବାରେ ସହାୟକ ବୋଲି କହିଲେ ଭୁଲ ହୋଇନପାରେ। ଅନ୍ୟପକ୍ଷରେ ପ୍ରତିକ୍ରିୟାରେ ସମାନ ବିପରୀତ ପ୍ରତିକ୍ରିୟା ଥିବା ପରି ଯୁଦ୍ଧ ଯୋଗୁଁ ଇସ୍ରାଏଲରେ ମୃତାହତଙ୍କ ସଂଖ୍ୟା ବଢି ଚାଲିଥିବାବେଳେ ବ୍ୟୟ ଭାର ମଧ୍ୟ ବଢିଚାଲିଛି। ମିଳିଥିବା ରିପୋର୍ଟ ଅନୁଯାୟୀ ଇସ୍ରାଏଲରେ ଦୈନିକ ଯୁଦ୍ଧ ବ୍ୟୟ ଠୁଳ ହେବା ସୀମାନ୍ତରେ ୨ଲକ୍ଷ ଲୋକ ସ୍ଥାନାନ୍ତର ହେବା ଫଳରେ ଇସ୍ରାଏଲ ବ୍ୟବସାୟ ପ୍ରଭାବିତ ହୋଇଛି। ଇସ୍ରାଏଲର ଅର୍ଥନୀତି ଏବେ ମାନ୍ଦାବସ୍ଥା ମୁହାଁ ହୋଇଛି। ଆହୁରି ମଧ୍ୟ ଇସ୍ରାଏଲ ୟେମେନର ହୋଉଥି ଏବଂ ହେଜବୁଲାର ଆକ୍ରମଣର ଶିକାର ହୋଇଛି। ଏହା ନିଶ୍ଚିତ ଯେ, ଆଉ ଅଧିକ ଦିନ ଯୁଦ୍ଧ ଇସ୍ରାଏଲ ପାଇଁ ବୁମେରାଂ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ
ମୋ ୦-୯୪୩୭୯୯୪୩୭୯




# ବିଜେଡି ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ





କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚନ୍ଦ୍ର), (ପି.ଏନ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ର ଲୋଚାପଡା ଡମ୍ବୁରୁ କଲ୍ୟାଣ ମଣ୍ଡପ ଠାରେ ଓଡିଶା ମୋ ପରିବାର ଜୀବନବିନ୍ଦୁ ଓ ମୋ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ କୁ ଶୁଭ ଉଦ୍ଘାଟନ କରିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ସମାଜସେବୀ ଏ. ସନ୍ତୋଷ ପାତ୍ର,ରାଜେଶ୍ୱରୀ ଦୋରା, ସି ଏଚ୍ ଉଷାରାଣୀ, ଅନିତା ମାହାଙ୍କୁଡ, ଭାରତୀ ନାୟକ,ପ୍ରଶାନ୍ତ ପଣ୍ଡା,ଦିଲ୍ଲୀପ ପାତ୍ର, ରାଜେନ୍ଦ୍ର ପାତ୍ର, ଅଜିତ ପାତ୍ର, ସୁରେଶ ସେଠି, ରାଜେନ୍ଦ୍ର ପାତ୍ର, ଲଛେନା ପାତ୍ର, ରାଜେନ୍ଦ୍ର ଦାସ ଙ୍କ ସହ ଲୋଚାପଡା, ବୋରିଗାଁ, ନିମଖଣ୍ଡି, ଅଞ୍ଚଳର ଯୁବକ ମାନେ ଯୋଗଦେଇ ରକ୍ତଦାନ କରିଥିଲେ କ୍ଷ ଏବଂ ବ୍ରହ୍ମପୁର ରକ୍ତଭଣ୍ଡାର ର କର୍ମକର୍ତା ମାନେ ରକ୍ତ ସଂଗ୍ରହ କରିଥିଲେ ।

# ମିଳିତ ଖ୍ରୀଷ୍ଟୀୟ ମଞ୍ଚ ପକ୍ଷରୁ ପ୍ରାକ-ଖ୍ରୀଷ୍ଟଜନ୍ମ ମହୋତ୍ସବ ପାଳିତ

ଫୁଲବାଣୀ,(ସୂର୍ଯ୍ୟ ନାରାୟଣ ବେହେରା),(ପି.ଏନ): ମିଳିତ ଖ୍ରୀଷ୍ଟୀୟ ମଞ୍ଚ ପକ୍ଷରୁ ପ୍ରି-ଖ୍ରୀଷ୍ଟମାସ ମହୋତ୍ସବ ଅନୁଷ୍ଠିତ ହେଇଥିଲା ।ମାଦିକୁଂଦା ଛକ ରେ ଆଚାର୍ଯ୍ୟ ତପନ କୁମାର ସାମନ୍ତରାୟ ପ୍ରାର୍ଥନା କରି ମାଦିକୁଂଦା ଠାରୁ କୋର୍ଟ ଛକ ସ୍ଥିତ ଗାନ୍ଧୀ ସ୍ମୃତି ଭବନ ପର୍ଯ୍ୟନ୍ତ ଶାନ୍ତି ପୂର୍ଣ ଶଭାଯାତ୍ରା ହେଇଥିଲା। ଖ୍ରୀଷ୍ଟୀୟ ସମ୍ପ୍ରଦାୟର ଲୋକମାନେ ପ୍ରଭୁ ଯୀଶୁଙ୍କ ଗୀତ ପରିବେଷଣ କରି ଆନନ୍ଦର ସହ ନାଚି ନାଚି ମୁଖ୍ୟ ସହର ଦେଇ ଗାନ୍ଧିସ୍ମୃତି ଭବନକୁ ଆସିଥିଲେ ।ଖ୍ରୀଷ୍ଟୀୟ ସମ୍ପ୍ରଦାୟର ଶହଶହ ଲୋକମାନେ ଏହି ମହୋତ୍ସବ ରେ ଯୋଗ ଦେଇଥିଲେ। ଆଚାର୍ଯ୍ୟ ବିଜୟ କୁମାର କରାଡ଼ ପ୍ରାରମ୍ଭିକ ପ୍ରାର୍ଥନା କରିଥିଲେ ।ମଞ୍ଚର ସଭାପତି ପ୍ରବୀଣ କୁମାର ନାୟକ ସଭା ପରିଚାଳନା କରିଥିଲେ ।ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ଚିତ୍ତରଞ୍ଜନ ନାୟକ ଭୁବନେଶ୍ୱର ଓ ମୁଖ୍ୟ ଅତିଥି ଭାବରେ ଫାଦର ଡ଼ଃ ଉଦୟ ନାଥ ବିଶୋଇ ଯୋଗ ଦେଇଥିଲେ ।ସମ୍ମାନିତ ଅତିଥି ରୂପେ ତାମିଲନାଡୁ ର ପାଳକ ଟି.ଯୋଶେଫ,ଡ଼ଃ. ଏନ ଲିନାଚନ୍ଦ, ଆଚାର୍ଯ୍ୟ ବିଜୟ କୁମାର କରାଡ଼,ଡ଼ଃ ସୂର୍ଯ୍ୟ ନାରାୟଣ ବେହେରା ,ବିଶ୍ୱବାଣୀ ଚର୍ଚ୍ଚର ଜିଲ୍ଲା କୋଡ଼ିନେଟର ଆଚାର୍ଯ୍ୟ ରଞ୍ଜନ ଦିଗାଲ,ଜାଗ୍ରତ କନ୍ଧମାଳ ର ପ୍ରତିଷ୍ଠାତା ତଥା ବରିଷ୍ଠ ଆଇନଜୀବୀ ସତ୍ୟନାରାୟଣ ବେହେରା ଯୋଗଦେଇଥିଲେ। ମିରାକିଲ ସଙ୍ଗୀତ ଦଳ ଅତି ସୁନ୍ଦର ଗୀତ ପରିବେଷଣ କରିଥିଲେ ଓ ସମସ୍ତେ ନାଚି ନାଚି ପ୍ରଭୁ ଯୀଶୁ ଙ୍କୁ ଧନ୍ୟବାଦ ଦେଇଥିଲେ ।ମୁଖ୍ୟ ବକ୍ତା ଜଗତର ଲୋକମାନଙ୍କ ନିମନ୍ତେ ତ୍ରାଣକର୍ତା ଜନ୍ମ ଗ୍ରହଣ କରିଅଛନ୍ତି ସେ ଖ୍ରୀଷ୍ଟପ୍ରଭୁ ବୋଲି ଲୋକମାନଙ୍କୁ ଈଶ୍ୱର ଙ୍କ ବାକ୍ୟ ପରିବେଷଣ କରିଥିଲେ ।ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା ।ସମସ୍ତ ଚର୍ଚ୍ଚ ର ପିଲାମାନେ ଗୀତନାଚ କରିଥିଲେ ଓ ସେମାନଙ୍କୁ ଉପହାର ମଧ୍ୟ ଦିଆଯାଇଥିଲା ।ଆଚାର୍ଯ୍ୟ ଦାନିଏଲ ନାୟକ ଙ୍କ ଲିଖିତ 'ସାନ୍ତ୍ୱନା' ପୁସ୍ତକ ଟି ଉନ୍ମୋଚନ କରାଯାଇଥିଲା। ଅନେକ ପାଳକ ମାନେ ଯୋଗ ଦେଇଥିଲେ ।ସମ୍ପାଦକ ଲକ୍ଷଣ ବେହେରା, କୋଷାଧ୍ୟକ୍ଷ ମାର୍ଟିନ ପ୍ରଧାନ ,ବନମାଳୀ ଦିଗାଲ,ପ୍ରଦୀପ ଦିଗାଲଓ ସନ୍ତୋଷ ନାୟକ ,ବାଳକୃଷ୍ଣ ଦିଗାଲ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।ସଙ୍ଗୀତ ଦଳରେ ସୁନୀଲ ବେହେରା, ବରୁଣ ମଲିକ,ଝୁଲି ନାୟକ,ବବୁଲୁ, ଅନୀଲ, ଶଲୋମି, ମାମୁନି,ଆଶିଷ,ଜିନିତା,ସାମୀଏଲ, ଅଜୟ, ଓମେଗା ସୁନ୍ଦର ଭାବେ ବାଦ୍ୟଯନ୍ତ୍ରରେ ଗୀତ ପରିବେଷଣ କରିଥିଲେ ଏବଂ ସାଂସ୍କୃତିକ ଭବନ ଟି ନାଚଗୀତ ସହ ଆନନ୍ଦ ଉଲ୍ଲାସର ଛାୟା ଖେଳିଯାଇଥିବା ଦେଖିବାକୁ ମିଳିଥିଲା ।ଶେଷରେ ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ନାୟକ ଧନ୍ୟବାଦ ଅର୍ପଣ କରଥିଲେ।

# 'ଗଣତନ୍ତ୍ର, ଧର୍ମନିରପେକ୍ଷତା ଓ ସଂବିଧାନ ସୁରକ୍ଷାରେ ବାମପନ୍ଥୀ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ): ଲୋହିଆ ଏକାଡ଼େମୀଠାରେ 'ଗଣତନ୍ତ୍ର, ଧର୍ମନିରପେକ୍ଷତା ଓ ସମ୍ବିଧାନ ସୁରକ୍ଷାରେ ବାମପନ୍ଥୀଙ୍କ ଭୂମିକା' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ସିପିଆଇର ସର୍ବଭାରତୀୟ ସାଧାରଣ ସମ୍ପାଦକ ଡି. ରାଜା ଉଦ୍‌ବୋଧନ ଦେଇ ଭାରତର ସ୍ୱାଧୀନତା ଆନ୍ଦୋଳନରେ କେବେ ଅଂଶଗ୍ରହଣ କରିନଥିବା ସାମ୍ପ୍ରଦାୟିକ ଶକ୍ତିମାନେ ଏକଚାଟିଆ କର୍ପୋରେଟ୍ ପୁଞ୍ଜିପତିଙ୍କ ସହିତ ହାତ ମିଳାଇ ଦେଶର ଶାସନ କ୍ଷମତା ହାତେଇବା ପରେ ଗଣତନ୍ତ୍ର, ଧର୍ମନିରପେକ୍ଷତା ଓ ସମ୍ବିଧାନ ବିପନ୍ନ ହୋଇଛି । ଦେଶର ଜନଗଣଙ୍କ ମୌଳିକ ଆବଶ୍ୟକତାକୁ କ୍ଷୁର୍ଣ୍ଣ କରି ରାହୁ ପୁଞ୍ଜିପତିମାନଙ୍କୁ ଲାଭାନ୍ୱିତ କରାଇଛନ୍ତି । ଦେଶର ସାମ୍ବିଧାନିକ ସଂସ୍ଥା ଯଥା ନିର୍ବାଚନ କମିଶନ, ବିଚାର ବ୍ୟବସ୍ଥା, ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଇତ୍ୟାଦି ସାର୍ବଭୌମ ସଂସ୍ଥାମାନଙ୍କର ସ୍ୱାୟତ୍ତତାରେ ହସ୍ତକ୍ଷେପକରି ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ କରି ସାମ୍ପ୍ରଦାୟିକ ବିଭାଜନକାରୀ ଗୁପ୍ତ ଏଜେଣ୍ଡାକୁ ଜନଗଣଙ୍କ ଉପରେ ଲଦି ଦେଇଛନ୍ତି । ଅଭିବ୍ୟକ୍ତିର ଅଧିକାରକୁ ପଦଦଳିତ କରି ବିରୋଧୀ ରାଜନେତା ଓ ବୁଦ୍ଧିଜୀବୀଙ୍କ ଉପରେ ମିଥ୍ୟା ମକଦ୍ଦମା ଓ ବିନାବିଚାରରେ ଜେଲ୍‌ରେ ରଖିଛନ୍ତି ବୋଲି କହିଥିଲେ । ଜନଗଣଙ୍କ ସାମ୍ବିଧାନିକ ମୂଲ୍ୟବୋଧ ବିପଦରେ ପଡ଼ିଥିବାର ଏହି ଘଡ଼ିସନ୍ଧି ମୂହୁର୍ତ୍ତରେ ବିପନ୍ନ ଗଣତନ୍ତ୍ର, ଧର୍ମନିରପେକ୍ଷତା ଓ ସଂବିଧାନର ସୁରକ୍ଷା ପାଇଁ ବାମପନ୍ଥୀ ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ଦଳ ଓ ଶକ୍ତିମାନେ ରାଜନୈତିକ ମତ ପାର୍ଥକ୍ୟ ସତ୍ତ୍ୱେ ଐକ୍ୟବଦ୍ଧ ହୋଇ ସାମ୍ପ୍ରଦାୟିକ ଶକ୍ତିମାନଙ୍କୁ ପରାଜିତ କରିବା ପାଇଁ ଡି. ରାଜା ଆହ୍ୱାନ ଦେଇଥିଲେ ।ଏହି ଆଲୋଚନା ଚକ୍ରରେ ଦେଶର ସର୍ବପ୍ରଥମ ଟ୍ରେଡ୍ ୟୁନିୟନ ସଂଗଠନ ଏଆଇଟିୟୁସିର ସାଧାରଣ ସମ୍ପାଦକ କମ୍ରେଡ୍ ଅମରଜିତ୍ କାଉର୍ ଉଦ୍‌ବୋଧନ ଦେଇ କହିଥିଲେକି ଜନଗଣଙ୍କ ମୌଳିକ ଆବଶ୍ୟକତା ଯଥା ଜୀବନ ଜୀବିକା, ସ୍ୱାସ୍ଥ୍ୟ, ବାସଗୃହ, ଖାଦ୍ୟ, କର୍ମନିଯୁକ୍ତି ଆଦି ମୌଳିକ ସମସ୍ୟା ଠାରୁ ଲୋକଙ୍କ ନଜର ହଟାଇବା ପାଇଁ ସାମ୍ପ୍ରଦାୟିକ ଫାସିବାଦୀ ସଂଘ ପରିବାରର ଇଙ୍ଗିତରେ ପରିଚାଳିତ ବିଜେପି ସରକାର ସାମ୍ପ୍ରଦାୟିକ ବିଦ୍ୱେଷ, ଘୃଣା, ହିଂସା ଭିଆଇ ମନୁବାଦୀ-ହିନ୍ଦୁତ୍ୱବାଦୀ ରାଷ୍ଟ୍ର ପ୍ରତିଷ୍ଠାର ଭାବାବେଗ ମାଧ୍ୟମରେ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ସମ୍ବିଧାନ ଉପରେ ଆକ୍ରମଣ ଚଳାଇଛନ୍ତି । ମୁଷ୍ଟିମେୟ ରାହୁ ପୁଞ୍ଜିପତିଙ୍କୁ ପ୍ରଚୁର ଲାଭାନ୍ୱିତ କରାଇ ତାଙ୍କ ଅର୍ଥରେ ନିର୍ବାଚନ ଜିତିବା ପାଇଁ ଜନଗଣ ଏବଂ ଦେଶ ବିରୋଧରେ ଏଭଳି ଷଡ଼ଯନ୍ତ୍ର ଚଳାଇଛନ୍ତି । ତେଣୁ ଜନଗଣଙ୍କ ଜୀବନ ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ, ବାସ ଓ କର୍ମନିଯୁକ୍ତି ଭଳି ମୌଳିକ ସମସ୍ୟା ନେଇ ଲଗାତର ଐକ୍ୟବଦ୍ଧ ଓ ଶକ୍ତିଶାଳୀ ଗଣ ଆନ୍ଦୋଳନ ଚଳାଇବାକୁ ସେ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ ଏହି ଆଲୋଚନା ଚକ୍ରର ପୃଷ୍ଠଭୂମି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

# ଶବ ନେଇ ଆମ୍ବୁଲାନ୍ସ ଠିଆ ହେଲା ୬ ଘଣ୍ଟା, ପ୍ରଶାସନ ହସ୍ତକ୍ଷେପରେ ଅନ୍ୟତ୍ର ହେଲା ସଂସ୍କାର

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆଠାରେ ଜଣେ କରୋନା ସଂକ୍ରମିତଙ୍କର ମୃତ୍ୟୁ ହେବାପରେ ପ୍ରଶାସନ ତରଫରୁ ଅସ୍ଥାୟୀ ଭାବରେ ନିର୍ଦ୍ଧାରଣ କରାଯାଇଥିବା ଶ୍ମସାନରେ ଶବଦାହ କରିବାକୁ ବିରୋଧ କରି ଅଂଚଳବାସୀ ଶବ ନେଇଥିବା ଆମ୍ବୁଲାନ୍ସକୁ ୬ ଘଣ୍ଟା ଧରି ଅଟକାଇବା ସହିତ ସେଠାରେ ଶବଦାହ କରିବାକୁ ବିରୋଧ କରିବାରୁ ଅଡୁଆରେ ପଡିଥିଲେ ମୃତକଙ୍କ ପରିବାର ଲୋକେ । ଫଳରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପହଂଚି ଲୋକଙ୍କୁ ବୁଝାସୁଝା କରିବାପରେ ମଧ୍ୟ ସେଠାରେ ଥିବା ଲୋକମାନେ ସବୁବେଳେ ଯାତାୟାତ କରୁଥିବାରୁ ସେଠାରେ କୋଭିଡ୍ ରୋଗୀର ଶବକୁ ପୋଡିବାକୁ ବିରୋଧ କରିଥିଲେ । ଫଳରେ ପ୍ରଶାସନ ଓ ପୋଲିସ ଉଦ୍ୟମରେ ଅନ୍ୟ ଏକ ଜନଶୂନ୍ୟ ତଥା ଜନବସତି ଠାରୁ ଦୂରବର୍ତି ସ୍ଥାନରେ ଶବକୁ ସଂସ୍କାର କରାଯାଇଛି । ସୂଚନା ଅନୁସାରେ, ଗତକାଲି ଫୁଲବାଣୀ କୋଭିଡ ହସପିଟାଲରେ ଚିକିତ୍ସିତ ଅବସ୍ଥାରେ ଫିରିଙ୍ଗିଆ ଅଂଚଳର ଭାଗବତ ବେହେରା(୬୫)ଙ୍କର ମୃତ୍ୟୁ ହୋଇଥିଲା । କୋଭିଡ ହସପିଟାଲ କର୍ତୃପକ୍ଷ ଆଜି ଭୋର ସମୟରେ ମୃତକଙ୍କର ପରିବାର ଲୋକଙ୍କ ଘରକୁ ନେଇ ଏକ ଆମ୍ବୁଲାନ୍ସରେ ଶବକୁ ହସ୍ତାନ୍ତର କରିବା ସହିତ ଫିରିଙ୍ଗିଆରେ ପ୍ରଶାସନ ଦ୍ୱାରା ଅସ୍ଥାୟୀ ଭାବରେ ସ୍ଥିରିକୃତ ଶ୍ମସାନରେ ଶବକୁ ଦାହ ସଂସ୍କାର କରିବାକୁ ନେଇଥିଲେ । ଏହା ଜାଣିବାରେ ସେହି ଆଖପାଖରେ ଥିବା ମଝିପଡା, ଫିରିଙ୍ଗିଆ ଉପରପଡା, ନାହାନାଗାଁ, ଘାଟିସାହି ଆଦି ଅଂଚଳରେ ଥିବା ଲୋକମାନେ ସେଠାରେ କରୋନା ରୋଗୀଙ୍କ ଶବ ଦାହ କରିବାକୁ ବିରୋଧ କରିବା ସହିତ କିଛି ସମୟପାଇଁ ସେହି ଅଂଚଳରେ ଥିବା ମଝିପଡା ଘାଟି ନିକର ରାସ୍ତାରେ ରାସ୍ତାରୋକ କରିଥିଲେ। । ଫଳରେ ସେଠାରେ ଥିବା କାଶୀନିପଦର ଓ ଫିରିଙ୍ଗିଆ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା । ଖବର ପାଇବାପରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପୁଲିସ ଫୋର୍ସ ସହ ସେଠାରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ । ସେଠାରେ ନେତୃସ୍ଥାନୀୟ ବ୍ୟକ୍ତି ମାନଙ୍କର ସହାୟତାରେ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରାଯାଇଥିଲ । ହେଲେ ସେମାନେ ଏଥିରେ ରାଜି ନହେବାରୁ ମଝିପାଡା ଘାଟି ନିକଟରେ ଥିବା ଏକ ନିରୋଳା ଯାଗାରେ ଶବକୁ ସଂସ୍କାର କରାଯାଇଥିଲା । ମୃତ ଭାଗବତ ବେହେରା ଫିରିଙ୍ଗିଆ ଅଂଚଳର ଜଣେ ଜଣାଶୁଣା ବ୍ୟବସାୟୀ ହୋଇଥିବାରୁ ତାଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଶୋକରେ ଆଜି ଫିରିଙ୍ଗିଆର ସମସ୍ତ ଦୋକାନ ବଜାର ବନ୍ଦ ରହିଛି ।

# କାଶୀ-ତାମିଲ ସଙ୍ଗମମ୍ ଜ୍ଞାନର ଅମୂଲ୍ୟ ଭଣ୍ଡାର ତିଆରି କରିବ : ଧର୍ମେନ୍ଦ୍ର ପ୍ରଧାନ



ବାରଣାସୀ, (ପି.ଏନ): 'କାଶୀ-ତାମିଲ ସଙ୍ଗମମ୍' ବାରଣାସୀ ଓ ତାମିଲନାଡୁ ମଧ୍ୟରେ ଥିବା ସମ୍ପର୍କ ଓ ପ୍ରାଚୀନ ଜ୍ଞାନର ଅନ୍‌ୱେଷଣ କରିବା ସହ ଆଧୁନିକ ବିଚାର, ଦର୍ଶନ, ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଓ ଉଦ୍ୟମିତାକୁ ଏକାଠି କରି ଜ୍ଞାନର ଏକ ଅମୂଲ୍ୟ ଭଣ୍ଡାର ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରବିବାର ଉତ୍ତରପ୍ରଦେଶର ବାରଣାସୀ ସ୍ଥିତ ନମୋଘାଟ ଠାରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାଶୀ-ତାମିଲ ସଙ୍ଗମମର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କରିଛନ୍ତି । ଆଇଆଇଟି ମାଡ୍ରାସ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଆମ ଦେଶର ସାଂସ୍କୃତିକ ଐତିହ୍ୟ ଏବଂ ଧାର୍ମିକ ସ୍ଥଳ ଗୁଡିକର ପୁନରୁଦ୍ଧାର କରିବା ସହ ସମସ୍ତଙ୍କ ଆକାଂକ୍ଷାକୁ ଉଜ୍ଜିବୀତ କରିଛନ୍ତି । ୨୦୧୪ ମସିହା ପର ଠାରୁ ଭାରତର ଐତିହ୍ୟକୁ ପ୍ରଭାବଶାଳୀ ଆକାରରେ ପୁନର୍ଜୀବିତ କରାଯାଇଛି । କାଶୀ ବିଶ୍ୱନାଥ ଧାମରୁ ଆରମ୍ଭ କରି ଉଜ୍‌ଜେନର ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ୍ ମନ୍ଦିର ପର୍ଯ୍ୟନ୍ତ, ଯମୁନା, ଗଙ୍ଗୋତ୍ରୀ, କେଦାରନାଥ ଓ ବଦ୍ରିନାଥ ସହ ସମସ୍ତ ତୀର୍ଥ ସ୍ଥଳକୁ ଯୋଡାଯାଇଛି । କୋଏମ୍ବାଟୋରରେ ଚାରି ଧାମ ପରିଯୋଜନା ଆଦିଯୋଗୀ ପ୍ରତିମା, ସୋମନାଥ ମନ୍ଦିରରୁ ଆରମ୍ଭ କରି ଆସାମର କାମାକ୍ଷୀ ମନ୍ଦିର ଭଳି ପ୍ରାଚୀନ ତୀର୍ଥସ୍ଥଳୀ ପର୍ଯ୍ୟନ୍ତ ନୂଆ ନୂଆ ରୂପ ଆମ ସାମ୍ନାକୁ ଆସୁଛି । କାଶୀ ତାମିଲ ସଙ୍ଗମମ ଏକ ଭାରତ-ଶ୍ରେଷ୍ଠ ଭାରତର ବିଚାରକୁ ଆଗକୁ ନେଇଛି । ବାରଣାସୀ, ଇତିହାସରୁ ବି ବହୁତ ପୁରୁଣା । ବାରଣାସୀ ସଭ୍ୟତା ଓ ସାଂସ୍କୃତିକ ସମୃଦ୍ଧ ଦୃଷ୍ଟିରୁ ଐତିହ୍ୟ । ଜ୍ଞାନ, ଦର୍ଶନ, ସଂସ୍କୃତି, ଭାଷା, ସାହିତ୍ୟ, କଳା ଏବଂ ଶିଳ୍ପ ସବୁ କ୍ଷେତ୍ରରେ ଏହି ଅଞ୍ଚଳ ପରିପୂର୍ଣ୍ଣ । ସେହିପରି ତାମିଲନାଡୁ ସଂସ୍କୃତି, କଳା, ଶିଳ୍ପ ଓ ସାହିତ୍ୟର ହେଉଛି ପ୍ରାଚୀନ ଉତ୍ପତ୍ତି ସ୍ଥଳ । କାଶୀ ତାମିଲ ସଙ୍ଗମମ୍ ୨.୦ ଦୁଇ ଅଞ୍ଚଳ ମଧ୍ୟରେ ବିଭିନ୍ନ ବ୍ୟବସାୟୀ, ଶିଳ୍ପ ସମୂହ ତଥା ବ୍ୟବସାୟୀର ବିଦ୍ୱାନ ଓ ବିଶେଷଜ୍ଞଙ୍କୁ ଯୋଡି ସେମାନଙ୍କ ମଧ୍ୟରେ ହେଉଥିବା ଆଲୋଚନାରୁ ସର୍ବୋତ୍ତମ ନିଷ୍କର୍ଷ ବାହାର କରିବାରେ ସଫଳ ହେବ । ଶିକ୍ଷାନୁଷ୍ଠାନ ଗୁଡିକ ଏପରି ଆଲୋଚନାକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ଜାତୀୟ ଶିକ୍ଷା ନୀତିରେ ଭାରତୀୟ ସଂସ୍କୃତି ଏବଂ ପରମ୍ପରାକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଏହା ଏକବିଂଶ ଶତାବ୍ଦୀର ମୂଲ୍ୟବୋଧ ଆଧାରରେ ନୂଆ ପିଢିଙ୍କୁ ପ୍ରସ୍ତୁତ କରିବ । ମାତୃଭାଷାରେ ଶିକ୍ଷାଦାନ ଓ ଶିକ୍ଷା ଆହରଣକୁ ନୂଆ ଶିକ୍ଷା ନୀତି ପ୍ରୋତ୍ସାହନ ଦେଉଛି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଏକବିଂଶ ଶତାବ୍ଦୀରେ ବିକଶିତ ଭାରତର ସଂକଳ୍ପକୁ ଆଗେଇ ନେବା ପାଇଁ ଆହ୍ୱାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଯୋଗଦେଇଥିଲେ ।




ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Tuesday December 19, 2023 ଭୁବନେଶ୍ୱର ମଙ୍ଗଳବାର, ଡିସେମ୍ବର ୧୯,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ନିମାପଡା ଠାରେ ବିଜେପିର ମୋ ବୁଥ୍ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି

ନିମାପଡା,(ପି.ଏନ): ଆଜି ସନ୍ଧ୍ୟାରେ ସ୍ଥାନୀୟ ପୂର୍ଣ୍ଣ ଶ୍ୱରୀ ମନ୍ଦିର ନିକଟରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଭାଜପାର ବୁଥ୍ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଥିଲେ ସମ୍ମିଳନୀର ମୁଖ୍ୟ ଆକର୍ଷଣ ।ଚ଼ାରିଛକର କଳାପାଞ୍ଚଣ ଠାରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ଶ୍ରୀଯୁକ୍ତ ସାମଲଙ୍କୁ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ନିମାପଡା ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ ।ପ୍ରାୟ ୨ରୁ ୩ଘଣ୍ଟା ବିଳମ୍ବରେ ସଭା ସ୍ଥଳରେ ଆସି ପହଞ୍ଚିଥିଲେ ଶ୍ରୀଯୁକ୍ତ ସାମଲ ଏବଂ ବିଳମ୍ବ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ ।ଅଭିଭାଷଣରେ ରାଜ୍ୟ ସରକାରଙ୍କୁ ଖୁବ୍ ସମାଲୋଚ଼ନା କରିବାସହ ବିଜେଡି ଶାସନରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି କହିଥିଲେ । କେନ୍ଦ୍ର ସରକାର ମାଗଣାରେ ଚ଼ାଉଳ ଦେଉଛି ମାତ୍ର ରାଜ୍ୟ ସରକାର ଏହାକୁ ନିଜସ୍ୱ ଯୋଜନା ବୋଲି ଡେଙ୍ଗୁରା ପିଟୁଛି ।ଚ଼ିଟଫଣ୍ଡ ଜମାକାରୀ ଆଜି ପର୍ଯ୍ୟନ୍ତ ତାଙ୍କ ଜମା ଅର୍ଥ ଫେରସ୍ତ ପାଇପାରୁ ନାହାନ୍ତି । ଗୋଷ୍ଠୀ ବିବାଦରୁ ଦୂରେଇ ନରେନ୍ଦ୍ର ମୋଦୀଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ପ୍ରତ୍ୟେକ ଘରେ ବାର୍ତା ପହଞ୍ଚାଇବାକୁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ।ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟରେ କିଭଳି ବିଜେପି ସରକାର ଗଢ଼ିବ ସେ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ,ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ,ସମ୍ପାଦକ ସରୋଜ କୁମାର କର, ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ(ରିକୁ),ପୂର୍ବତନ ସାଂସଦ ବିଭୁ ପ୍ରସାଦ ତରାଇ,ସ୍ଥାନୀୟ ନେତ୍ରୀ ପ୍ରଭାତି ପରିଡ଼ା,ଯୁବ ନେତା ଦିଲ୍ଲୀପ ନାୟକ,ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ରାୟ,ମିନଲତା ମହାନ୍ତି, ଦେବାଶିଷ ଆଚ଼ାର୍ଯ୍ୟ,ସନ୍ତୋଷ ରଥ ଓ ପ୍ରଦୀପ୍ତ ନାୟକଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ହଜାର ହଜାର ଦଳୀୟ କର୍ମୀ ଯୋଗ ଦେଇଥିଲେ ।

# କିସ୍‌ରେ ଅଭିଭାବକ ସମ୍ମିଳନୀ : ଦେଢ଼ଲକ୍ଷ ଜନଜାତିଙ୍କ ସମାବେଶ



ଭୁବନେଶ୍ୱର,(ପି.ଏନ): ଚଳିତବର୍ଷ କିସ୍ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ନେଇ ରବିବାର ଏକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର ୩୦ଜିଲ୍ଲା ସମେତ ପଶ୍ଚିମବଙ୍ଗ, ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଆସାମ ସିକିମ୍ ଆଦି ରାଜ୍ୟରୁ ୧ଲକ୍ଷ ଅଭିଭାବକ, ୧୦ହଜାର ପୁରାତନ ଛାତ୍ରଛାତ୍ରୀ ଓ ୪୦ ହଜାର ଛାତ୍ରଛାତ୍ରୀଙ୍କୁ ମିଶାଇ କିସ୍‌ରେ ଦେଢ଼ଲକ୍ଷ ଜନଜାତି ଲୋକଙ୍କ ସମାଗମ ହୋଇଥିଲା । ଅଭିଭାବକମାନେ ଯେପରି ସୁରୁଖୁରୁରେ କିସ୍‌ରେ ପହଞ୍ଚି ସମ୍ମିଳନୀରେ ଯୋଗଦେବେ ସେଥିପାଇଁ କିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ସେମାନଙ୍କ ରହିବାଠାରୁ ଆରମ୍ଭ କରି ଖାଇବା ପର୍ଯ୍ୟନ୍ତ ସବୁକିଛି ସୁଚାରୁ ରୂପେ ବ୍ୟବସ୍ଥିତ କରାଯାଇଥିଲା । ଦୂର ଦୂରାନ୍ତରୁ ଆଜି ସକାଳୁ ଅଭିଭାବକମାନେ କିସ୍‌ରେ ପହଞ୍ଚିଥିଲେ । ଅଭିଭାବକମାନେ ଯେପରି ସୁରୁଖୁରୁରେ ସେମାନଙ୍କ ପିଲାମାନଙ୍କ ଭଲମନ୍ଦ ବୁଝିପାରିବେ ସେଥିପାଇଁ କିସ୍ ପରିସରରେ ଜିଲ୍ଲାୱାରୀ ଷ୍ଟଲମାନ ଖୋଲାଯାଥିଲା । ବାପାମାଆଙ୍କୁ ଦେଖି ପିଲାମାନଙ୍କ ମଧ୍ୟରେ ନାହିଁ ନ ଥିବା ଖୁସି ଦେଖିବାକୁ ମିଳିଥିଲା । ଏହି ଅଭିଭାବକ ମହାସମାବେଶରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ବିଶିଷ୍ଟ ଆଦିବାସୀ ନେତା ତଥା ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କିସ୍ ଓ କିଟ୍ ଉପସଭାପତି ଉମାପଦ ବୋଷ, ସଂପାଦକ ଆର ଏନ୍ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । କିସ୍ ଜନଜାତିଙ୍କ ମଧ୍ୟରେ ଏକ ଆନ୍ଦୋଳନରେ ପରଣିତ ହେବା ସହ ସେମାନଙ୍କୁ ସାମାଜିକ ଅର୍ଥନୈତିକ ଭାବେ ସଶକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି ସମ୍ମିଳନୀରେ କିଟ୍ ଓ କିସ୍‌ର ସଭାପତି ଶାଶ୍ୱତୀ ବଳ ଯୋଗ ଦେଇପାରି ନ ଥିଲେ ମଧ୍ୟ ଅଭିଭାବକମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପି କେ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ମିନଳୀରେ ସମସ୍ତ ଜନଜାତି ଅଭିଭାବକ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିବା ସହ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଅଭିଭାବକମାନେ କହିଲେ, ଜଣେ ବ୍ୟକ୍ତିଙ୍କୁ ୨୫ବର୍ଷ ବୟସ ହୋଇଥିବା ବେଳେ ସମଗ୍ର ଜନଜାତିଙ୍କ ବିକାଶ କଥା ଚିନ୍ତାକଲେ ଏବଂ ଅତି ସାହସର ସହ କିସ୍ ଭଳି ଅନୁଷ୍ଠାନ ପ୍ରତିଷ୍ଠା କରି ଜନଜାତିଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇପାରିଲେ । ଶ୍ରୀ ସାମନ୍ତ କିସ୍‌କୁ ଏକ ସଫଳ ଅନୁଷ୍ଠାନରେ ପରିଣତ କରିବା ସହ କିସ୍‌ରେ ପଢୁଥିବା ପ୍ରତ୍ୟେକଟି ପିଲାକୁ ଜଣେ ଜଣେ ସଫଳ ମଣିଷ କରି ଗଢ଼ି ତୋଳିଛନ୍ତି ବୋଲି ସେମାନେ କହିଥିଲେ । ଗତ ୩୦ ବର୍ଷ ମଧ୍ୟରେ ବହୁ ବାଧାବିଘ୍ନ ଆସିଥିଲେ ମଧ୍ୟ ଶ୍ରୀ ସାମନ୍ତ ସେଥିପ୍ରତି ଭ୍ରୁକ୍ଷେପ ନକରି ଜନଜାତିଙ୍କ ସେବାରେ ନିରନ୍ତର ନିଜକୁ ନିୟୋଜିତ କରିଛନ୍ତି । ଫଳରେ କିସ୍ ଆଜି ୩୧ ବର୍ଷର ଏକ ସଫଳ ଅନୁଷ୍ଠାନ । ୩୦ ହଜାର ଛାତ୍ରଛାତ୍ରୀ ଏଠାରୁ ଉତ୍ତୀର୍ଣ୍ଣ ହୋଇସାରିଲେଣି, ଏବେ ଏଠାରେ ୩୦ ହଜାର ପିଲା ପଢୁଛନ୍ତି ଏବଂ କିସ୍‌ର ବିଭିନ୍ନ ଶାଖା କ୍ୟାମ୍ପସରେ ୧୦ ହଜାର ଛାତ୍ରଛାତ୍ରୀ ପଢୁଛନ୍ତି । ଶ୍ରୀ ସାମନ୍ତଙ୍କୁ ତାଙ୍କ ଉତ୍ସର୍ଗୀକୃତ ଜୀବନ ପାଇଁ ଧନ୍ୟବାଦ ଜଣାଇବା ସହ ଜନଜାତି ଅଭିଭାବକମାନେ ତାଙ୍କୁ ଓଡ଼ିଶାର ପ୍ରତି ଜିଲ୍ଲାରେ କୃତଜ୍ଞତା ଜଣାଇବେ ବୋଲି ଘୋଷଣା କରିଥିଲେ । ସେମାନଙ୍କ ପିଲାମାନେ କିସ୍‌ରେ ରହି କିପରି ଉନ୍ନତ ମାନର ଶିକ୍ଷା ଲାଭ କରିବା ସହ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିପାରୁଛନ୍ତି ସେ ନେଇ ଅଭିଭାବକମାନେ ଖୁସି ବ୍ୟକ୍ତ କରିଥିଲେ । ଏହି ସମ୍ମିଳନୀର ମୁଖ୍ୟ ଆକର୍ଷଣ ଥିଲା ସାମୂହିକ ମଧ୍ୟାହ୍ନ ଭୋଜନ । ଦେଢ଼ଲକ୍ଷ ଲୋକ ଆଜି କିସ୍‌ରେ ଏକାଠି ମଧ୍ୟାହ୍ନ ଭୋଜନ କରିବା ଏକ ଅନନ୍ୟ ପରିବେଶ ସୃଷ୍ଟି କରିଥିଲା ।

# କ୍ଷୁଦ୍ର ନିଯୁକ୍ତି ମେଳା ଚ଼ଳିତ ମାସ ୨୭ ଓ ୨୮ ରେ




ପୁରୀ,(ପି.ଏନ): ଚ଼ଳିତ ମାସ ୨୭ ଓ ୨୮ତାରିଖରେ ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷୁଦ୍ର ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଏହି ନିଯୁକ୍ତି ମେଳା ୨୭ ତାରିଖରେ ପୁରୀ ସରକାରୀ ଆଇଟିଆଇ ପରିସରରେ ଓ ୨୮ ତାରିଖରେ ପିପିଲି କଲେଜ ଠାରେ ପୂର୍ବାହ୍ନ ୯ ଘଟିକା ସମୟରେ ଅନୁଷ୍ଠିତ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ସୂଚ଼ନା ଦେଇଛନ୍ତି ।ଆଜି ଅପରାହ୍ନ ରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ କ୍ଷୁଦ୍ର ନିଯୁକ୍ତି ମେଳା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନ ଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଏ ସମ୍ପର୍କରେ ସୂଚ଼ନା ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଏହି ନିଯୁକ୍ତି ମେଳା ରେ ରାଜ୍ୟ ଓ ରାଜ୍ୟ ବାହାର ର ପ୍ରତିଷ୍ଠିତ ୨୨ ଗୋଟି ନିଯୁକ୍ତିଦାତା ସଂସ୍ଥା ମାନେ ଯୋଗ ଦାନ କରି ଆଶାୟୀ କୁଶଳୀ ଏବଂ ଅଣକୁଶଳୀ ପ୍ରାର୍ଥୀ ମାନଙ୍କୁ ଚ଼ୟନ କରିବେ ।ଏତଦ ବ୍ୟତୀତ ଓଡିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାନେ ମଧ୍ୟ ଯୋଗ ଦେବେ ।ଏହି ସଂସ୍ଥା ମାନେ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ ବୋଲି ସେ କହିଥିଲେ । ଜିଲ୍ଲା ନିଯୋଜନ ଅଧିକାରୀ ସୁବାସ ଚ଼ନ୍ଦ୍ର ବେହେରା ସୂଚ଼ନା ଦେଇ ନିଯୁକ୍ତି ମେଳାରେ ନିଯୁକ୍ତି ଆଶାୟୀ ପଞ୍ଚମ ଶ୍ରେଣୀ ପାସ ଠାରୁ ସ୍ନାତକ ପାସ ପର୍ଯ୍ୟନ୍ତ ଏବଂ ଆଇଟିଆଇ, ଡିପ୍ଲୋମା ପାସ ଆଶାୟୀ ପ୍ରାର୍ଥୀ,ପ୍ରାର୍ଥୀନୀ ମାନେ ଯେଉଁ ମାନଙ୍କ ବୟସ ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ସେମାନେ ଯୋଗ ଦେଇ ଏହାର ସୁଯୋଗ ନେବାପାଇଁ ଅନୁରୋଧ କରିଥିଲେ ।ଜିଲ୍ଲାର ସମସ୍ତ ୧୧ ଗୋଟି ବିଡ଼ିଓ ଙ୍କ ମାଧ୍ୟମରେ, ଓରମାସର କର୍ମଚ଼ାରୀଙ୍କ ମାଧ୍ୟମରେ,ବିଭିନ୍ନ ଅଫିସ ନୋଟିସ ବୋର୍ଡ଼ ମାନଙ୍କ ରେ,ଲିଫଲେଟ ମାଧ୍ୟମରେ ସୂଚ଼ନା ପ୍ରଦାନ କରାଯାଉଛି ବୋଲି ଶ୍ରୀ ବେହେରା ସୂଚ଼ନା ଦେଇଥିଲେ ।ମେଳା ସ୍ଥାନରେ ପାନୀୟ ଜଳ,ସ୍ୱାସ୍ଥ୍ୟ ସେବା, ଆଇନ ଶୃଙ୍ଖଳା ରକ୍ଷା, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ର ବ୍ୟବସ୍ଥା ମଧ୍ୟ କରାଯାଇଛି ।ଏହି ବୈଠକରେ ଜିଲ୍ଲା ସୂଚ଼ନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଜିଲ୍ଲା ନିଯୋଜନ ବିଭାଗର କର୍ମଚ଼ାରୀ ମାନେ ଯୋଗ ଦେଇଥିଲେ ।

# ପୌରପାଳିକାରେ ଯୁବ ଓଡିଶା ନବୀନ ଓଡିଶା ପ୍ରସ୍ତୁତି ବୈଠକ



ପୁରୀ,(ପି.ଏନ): ପୁରୀ ପୌରାଞ୍ଚଳରେ ଯୁବ ଓଡିଶା ନବୀନ ଓଡିଶା ଯୋଜନା ର ସଫଳ ରୂପାୟନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଥିଲା । ପୌର ପରିଷଦର ସ୍ୱାସ୍ଥ୍ୟ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ ।ଏହା ପିଲା ମାନଙ୍କ ପ୍ରତିଭା ଚ଼ୟନର ଏକ ବଡ ପ୍ଲାଟଫର୍ମ ।ପିଲା ମାନଙ୍କ କ୍ୟାରିଅର ପାଇଁ ଏହା ଏକ ସୁନ୍ଦର ପ୍ରୟାସ ।ତେଣୁ ଏହାକୁ ଶୃଙ୍ଖଳା ର ସହ ଆୟୋଜନ ପାଇଁ ପ୍ରତ୍ୟେକ ସହଯୋଗ କରିବାକୁ ଶ୍ରୀ ସ୍ୱାଇଁ ଅନୁରୋଧ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା କ୍ରୀଡା ଅଧିକାରୀ ଚ଼ନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଓ ଯୋଜନାର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ ।କ୍ରୀଡା, ସଂସ୍କୃତି ଓ ସାମାଜିକ ପଦକ୍ଷେପ ସମ୍ପର୍କରେ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ପାଇଁ ପ୍ରତିଯୋଗୀ ମାନେ ନାମ ପଞ୍ଜିକରଣ କରିସାରିଛନ୍ତି ।ତେଣୁ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା କରି ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚ଼ତୁର୍ଥ ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯିବ ।ଏଥିପାଇଁ ପ୍ରତିଯୋଗିତା ସୂଚ଼ୀ ଚୂଡାନ୍ତ କରାଯାଇଛି ।ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷାନୁଷ୍ଠାନ ର କ୍ରୀଡା ଶିକ୍ଷକ ମାନେ ଯୋଗ ଦେଇଥିଲେ ।

# ପରିକ୍ରମା ପ୍ରକଳ୍ପ ରେ ସମସ୍ତେ ସାମିଲ ହେବାକୁ ଜିଲ୍ଲାପାଳ ଙ୍କ ଅନୁରୋଧ



ପୁରୀ,(ପି.ଏନ):ମହାପ୍ରଭୁଙ୍କ ମନ୍ଦିର ଚ଼ତୁପାର୍ଶ୍ୱର ପରିକ୍ରମା ପ୍ରକଳ୍ପ ର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ।ଆସନ୍ତା ଜାନୁଆରୀ ୧୭ ତାରିଖରେ ଏହାର ଲୋକାର୍ପଣ ହେବ ।ତେଣୁ ଏହି କାର୍ଯ୍ୟକ୍ରମ ରେ ସମସ୍ତେ ସାମିଲ ହେବାକୁ ଜିଲ୍ଲାପାଳ ସମର୍ଥ ବର୍ମା ଅନୁରୋଧ କରିଛନ୍ତି ।ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଆଠ ସାହି ଆଖଡା ର କର୍ମକର୍ତ୍ତା ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ବର୍ମା ପ୍ରକଳ୍ପ ଲୋକାର୍ପଣ ୧୭ ତାରିଖରେ ହେଉଥିଲେ ମଧ୍ୟ ୧୨ ତାରିଖ ରୁ ପୁରୀ ବଡଦାଣ୍ଡ ଓ ସହରର ବିଭିନ୍ନ ସ୍ଥାନରେ ବିବିଧ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯିବ ବୋଲି ସୂଚ଼ନା ଦେଇଥିଲେ ।ମହାପ୍ରଭୁଙ୍କ ଏହି କାର୍ଯ୍ୟ କୁ ପ୍ରତ୍ୟେକ ସେବା ଭାବେ ଗ୍ରହଣ କରି ନିଜ ଗୃହ କୁ ପରିଷ୍କାର ପରିଛନ୍ନ ରଖିବା,ଗୃହ ସମ୍ମୁଖରେ ଝୋଟି ମୁରୁଜ ପକେଇବା, ପୂର୍ଣ୍ଣ କୁମ୍ଭ ସ୍ଥାପନ କରିବା,ଆଲୋକ ମାଳାରେ ସଜେଇବା ଇତ୍ୟାଦି ସହ ସଂଧ୍ୟାରେ ଦୀପ ପ୍ରଜ୍ୱଳନ କରିବାକୁ ଅନୁରୋଧ କରିଥିଲେ । ସେହିପରି ବଡଦାଣ୍ଡ ର ଉଭୟ ପାର୍ଶ୍ୱର କୋଠା ଗୁଡିକ ଗୋଟିଏ ରଙ୍ଗର କରାଯିବା ସହ ଆଲୋକମାଳାରେ ସଜା ଯିବ । ପ୍ରତ୍ୟେକ ଦେବାଳୟ ଆଲୋକ ମାଳାରେ ମଧ୍ୟ ସଜ୍ଜିତ କରିବା ବ୍ୟବସ୍ଥା କରାଯାଇଛି । ତେଣୁ ପୁରୀ ର ଐତିହ୍ୟ ଓ ଗୌରବ ଜାଗା ଆଖଡା ମାନେ ଏଥିରେ ସାମିଲ ହୋଇ ବିବିଧ କାର୍ଯ୍ୟକ୍ରମ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ । ଆଠ ସାହି ଆଖଡା ର କର୍ମକର୍ତ୍ତା ଏଥିରେ ଯୋଗ ଦେଇ ମହାପ୍ରଭୁଙ୍କ କାର୍ଯ୍ୟ ରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ସୂଚ଼ନା ଦେଇଥିଲେ ।ଏଥିପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହେଲା ।ଏଥିରେ ସମସ୍ତ ଆଖଡା ର କର୍ମକର୍ତ୍ତା ଓ ଅନ୍ୟାନ୍ୟ ସଦସ୍ୟ ମାନେ ରହି ଭବ୍ୟ କାର୍ଯ୍ୟସୂଚ଼ୀ ଚୂଡାନ୍ତ କରିବେ ବୋଲି ସ୍ଥିର ହେଲା ।ପ୍ରାରମ୍ଭ ରେ ଆଠସାହି ଆଖଡା ର ସଭାପତି ବାବାଜୀ ମହାପାତ୍ର ଙ୍କ ବିୟୋଗରେ ଶୋକସଭା ସହ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଛତିଶା ନିଯୋଗର ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ, ବରିଷ୍ଠ ସେବାୟତ ରାମଚ଼ନ୍ଦ୍ର ଦାସ ମହାପାତ୍ର,ଜିଲ୍ଲା କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ସମାଜସେବୀ ଚ଼କ୍ରଧର ମହାପାତ୍ର, ନରେନ୍ଦ୍ର କୁମାର ମହାନ୍ତି,ବିଭିନ୍ନ ବିଭାଗର ଅଧିକାରୀ, ଆଠସାହି ଆଖଡା ର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray